ନିତିଦିନ NITIDIN
# ନଜର
THE SUNDAY SECTION OF NITIDIN
୧୬ ପୃଷ୍ଠା | ରବିବାର ମ୍ୟାଗାଜିନ୍ | ରବିବାର, ୭ ଜୁନ ୨୦୨୬

ମନୋରଞ୍ଜନ

ନର୍ସ ଭୂମିକାରେ ନଜର ଆସିବେ କଙ୍ଗନା





ଶ୍ରୀଜଗନ୍ନାଥ ସଂସ୍କୃତି

# ଓଡ଼ିଶାର ଭକ୍ତ କବି

# ଶ୍ରୀ ରାମକୃଷ୍ଣ ଚରିତାମୃତ

୪୯

## ମନୋଜ କୁମାର ମହାପାତ୍ର



ଡିସେମ୍ବର ୧୮୮୬ର ଶେଷ ଆଡ଼କୁ ବରାହନଗର ମଠର ସନ୍ନ୍ୟାସୀ ଆଁଟପୁର ନାମକ ଗ୍ରାମକୁ ଯାଇଥିଲେ ଯାହା ହୁଗୁଳି ଜିଲ୍ଲାରେ ଅବସ୍ଥିତ। ସେଠାକୁ ଯିବା ପାଇଁ ଶ୍ରୀ ରାମକୃଷ୍ଣଙ୍କର ସନ୍ନ୍ୟାସୀ ଶିଷ୍ୟ ବାବୁରାମଙ୍କ ମା'ଙ୍କ ଦ୍ୱାରା ସେମାନେ ନିମନ୍ତ୍ରିତ ହୋଇଥିଲେ। ନରେନ୍ଦ୍ର ସେଠାରେ ଗୁରୁଭାଇମାନଙ୍କୁ ଏକତ୍ରିତ କଲେ ଏବଂ ତାହାର ଫଳସ୍ୱରୂପଃ ସେଠାରେ ଯେଉଁ ଆଧ୍ୟାତ୍ମିକ ଅନୁରାଗ ସୃଷ୍ଟି ହୋଇଥିଲା, ସେଥିପାଇଁ ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ସୁନିଶ୍ଚିତ ଭାବରେ ଗଢିଉଠିଲା। ସେ ଦିନଟି ଥିଲା ଖ୍ରୀଷ୍ଟମାସ ଇଭ୍। ନରେନ୍ଦ୍ର ସେଠାରେ ଗୁରୁଭାଇମାନଙ୍କୁ ନେଇ ପ୍ରଜ୍ୱଳିତ କଲେ ଅଗ୍ନି ଏବଂ ପ୍ରଜ୍ୱଳିତ ଧୁନି ଚାରିପାଖରେ ବସି ରାତି ଉଜାଗର ରହିଥିଲେ। ସମସ୍ତେ ବଡ଼ ଭାବପ୍ରବଣତାର ସହିତ ଯୀଶୁଖ୍ରୀଷ୍ଟଙ୍କର ମହାନ ଜୀବନ ଓ ତ୍ୟାଗର ଚର୍ଚ୍ଚାରେ ସାରା ରାତି ନିମଗ୍ନ ରହିଲେ। ସେମାନଙ୍କର ଉତ୍ସାହ ଚରମ ସୀମାରେ ପହଞ୍ଚି ପାରିଥିଲା। ଏମାନଙ୍କର ମନରେ ମଧ୍ୟ ପ୍ରସୁପ୍ତ ତ୍ୟାଗ ଭାବନା ଜାଗି ଉଠିଲା ଯାହା ପୂର୍ବରୁ ଏପରି ବିଶାଳ ଭାବେ ଦେଖାଯାଇନଥିଲା। ସେମାନେ ସେଠାରୁ ଫେରିଆସିବାର କିଛିଦିନ ଭିତରେ ବରାହମଠରେ ସାଧୁମାନଙ୍କ ସଂଖ୍ୟା ପୂରା ହେଇଗଲା ଓ ସମସ୍ତେ କଠୋର ତପସ୍ୟାମୟ ଜୀବନ ବିତାଇବା ନିମନ୍ତେ ବ୍ରତୀ ହେଲେ।

ବରାହନଗରରେ ଏହି ଯୁବ ସନ୍ନ୍ୟାସୀମାନେ ଯେପରି ଆଧ୍ୟାତ୍ମିକ ସାଧନା କଲେ, ତାହାର ବର୍ଣ୍ଣନା କରିବାକୁ ଇତିହାସକାରମାନେ ସମର୍ଥ ହୋଇପାରିବେନି। ଶ୍ରୀ ରାମକୃଷ୍ଣଙ୍କର ଉପସ୍ଥିତିର ଅଭାବ ଏହି ଭୌତିକ ଧରାତଳେ ଯେତେ ଅନୁଭବ କରୁଥିଲେ, ସେତେ ସେମାନଙ୍କର ଅନ୍ତରତମ ହୃଦୟ-ପ୍ରଦେଶରେ ଶାଶ୍ୱତ ସତ୍ୟର ଅଭିବ୍ୟକ୍ତି ରୂପରେ ଅନୁଭବ କରିବାର ଇଚ୍ଛା ପ୍ରବଳ ମାତ୍ରାରେ ବୃଦ୍ଧି ଘଟୁଥିଲା। କୌଣସି ପ୍ରକାରର କଷ୍ଟ, ଲୋକଙ୍କର ଉଦାସୀନତା ଓ ଅପମାନ ସେମାନଙ୍କର ପଥକୁ ଅବରୁଦ୍ଧ କରିପାରୁ ନଥିଲା। ଶ୍ରୀ ରାମକୃଷ୍ଣଙ୍କର କଠୋର ସଂଯମର ଦୃଷ୍ଟାନ୍ତରେ ଅନୁପ୍ରାଣୀତ ହୋଇ ଏହି ସନ୍ନ୍ୟାସୀଗଣ ଭୋଜନ, ବସ୍ତ୍ର ଓ ଜୀବନର ଅନ୍ୟ ଆବଶ୍ୟକ ବସ୍ତୁ ପ୍ରତି ଆଦୌ ଲାଳାୟିତ ନ ହୋଇ କଠୋର ସଂଯମ ଅଭ୍ୟାସ କରୁଥିଲେ। ସେମାନଙ୍କର ଏକମାତ୍ର ଲକ୍ଷ୍ୟ ଥିଲା ଈଶ୍ୱର କିପରି ପ୍ରାପ୍ତ ହେବେ। ଚରିତ୍ର ଗଠନ ଓ ଆତ୍ମଜ୍ଞାନ ସେମାନଙ୍କର ଜୀବନର ମୂଳମନ୍ତ୍ର ବନିଯାଇଥିଲା। କିଛି ଲୋକ ନିରାହାର ରହି ନିରନ୍ତର ଧ୍ୟାନ ଦ୍ୱାରା ନିଜ ଜୀବନର ଅନ୍ତ କରିବାର ବିଚାର ମଧ୍ୟ କରୁଥିଲେ। କିନ୍ତୁ ଦଳର ନେତା ନରେନ୍ଦ୍ର ଆଧ୍ୟାତ୍ମିକ ପଥର କଠିନତା ପ୍ରତି ସଜାଗ ଥିଲେ। ତେଣୁ ଅତ୍ୟନ୍ତ ସାବଧାନତାପୂର୍ବକ ସେମାନଙ୍କର ଜୀବନ ଗଠନ କରିବାକୁ ଲାଗିଲେ। ନରେନ୍ଦ୍ରଙ୍କ ମନରେ ସାର୍ବଜନୀନ ଭାବ ପୂର୍ଣ୍ଣ ଥିଲା ଏବଂ ତାଙ୍କ ଦୃଷ୍ଟିକୋଣ ବିଶାଳ ଥିଲା। କେବଳ ସେତିକି ନୁହେଁ, ବିଭିନ୍ନ ଶାସ୍ତ୍ରରେ ତାଙ୍କର ଯଥେଷ୍ଟ ଜ୍ଞାନ ବି ଥିଲା। ସେ ଧର୍ମ ଓ ଦର୍ଶନ, ଇତିହାସ ତଥା ବିଜ୍ଞାନକୁ ମଧ୍ୟ ସମାନ ସ୍ଥାନ ଦେଉଥିଲେ। ଅନ୍ୟ ଯୁବ ସନ୍ନ୍ୟାସୀମାନେ ନରେନ୍ଦ୍ରଙ୍କର ଜ୍ଞାନ ଦ୍ୱାରା ବେଶ୍ ଆଲୋକିତ ହେଇ ଶ୍ରୀ ରାମକୃଷ୍ଣଙ୍କର ଜୀବନାଦର୍ଶ ପଥରେ ଅଗ୍ରସର ହେବାକୁ ସଂକଳ୍ପବଦ୍ଧ ହେବାକୁ ଲାଗିଲେ। ପରବର୍ତ୍ତୀ କାଳରେ ସ୍ୱାମୀ ବିବେକାନନ୍ଦ ଭାବରେ ସେ ପରିଚିତ ହୋଇଥିଲେ। (କ୍ରମଶଃ)

ଫୋନ୍-୯୯୩୭୨୯୭୦୩୯

# ଅହଂକାରର ଅନ୍ତ, ଜ୍ଞାନର ପ୍ରାରମ୍ଭ

ଯଦି ସମଗ୍ର ସୃଷ୍ଟିର ରଚୟିତା ବ୍ରହ୍ମାଜୀଙ୍କୁ କେହି ପଚାରି ବସେ ଯେ, ଆପଣ କିଏ ? ତେବେ ତାଙ୍କ ମନରେ କିପରି ଭାବନା ଆସିବ ? ଯେଉଁ ଦେବତାଙ୍କ ଗୋଟିଏ ଦିନରେ ଅନେକ ଯୁଗ ବିତିଯାଏ, ଯାହାଙ୍କ ରଚନାରେ ଅସଂଖ୍ୟ ଲୋକ ଏବଂ ପ୍ରାଣୀ ବାସ କରନ୍ତି, ଯଦି ତାଙ୍କରି ଅସ୍ତିତ୍ୱ ଉପରେ ପ୍ରଶ୍ନଚିହ୍ନ ଲାଗିଯାଏ, ତେବେ ତାଙ୍କର ଅହଂକାର କିପରି ଚୂରମାର ହୋଇଯିବ। ଦ୍ୱାରକାରେ ଏକଦା ଠିକ୍ ଏମିତି ହିଁ ଘଟିଥିଲା। ଏହା କୌଣସି ସାଧାରଣ ଘଟଣା ନଥିଲା, ବରଂ ଭଗବାନ ଶ୍ରୀକୃଷ୍ଣଙ୍କର ଏପରି ଏକ ଦିବ୍ୟ ଲୀଳା ଥିଲା, ଯାହା ବ୍ରହ୍ମାଣ୍ଡର ସେହି ରହସ୍ୟକୁ ଉନ୍ମୋଚିତ କରିଥିଲା, ଯାହାକୁ ଆଜିର ଆଧୁନିକ ବିଜ୍ଞାନ 'ମଲ୍ଟିଭର୍ସ' କିମ୍ବା ବହୁ-ବ୍ରହ୍ମାଣ୍ଡ କହି ବୁଝିବାକୁ ଚେଷ୍ଟା କରୁଛି। ଏହି କଥା କେବଳ ବ୍ରହ୍ମାଙ୍କ ଅହଂକାର ଭାଙ୍ଗିବାର ନୁହେଁ, ବରଂ ସେହି ଅନନ୍ତ ସତ୍ୟର ଅଟେ ଯାହା ଦର୍ଶାଏ ଯେ ଈଶ୍ୱରଙ୍କ ସୃଷ୍ଟି ଆମ କଳ୍ପନାଠାରୁ ବି ଯଥେଷ୍ଟ ଅଧିକ ବିଶାଳ ଏବଂ ଅସୀମ।

ଏକଦା ବ୍ରହ୍ମାଜୀ ନିଜ ବ୍ରହ୍ମଲୋକରେ ବିରାଜମାନ ଥିଲେ। ସେ ଅସଂଖ୍ୟ ଜୀବ, ଗ୍ରହ, ନକ୍ଷତ୍ର ଏବଂ ଲୋକମାନଙ୍କର ରଚନା କରିଥିଲେ। ଯୁଗ ଯୁଗ ଧରି ସେ ସୃଷ୍ଟି ପରିଚାଳନା କାର୍ଯ୍ୟ କରୁଥିଲେ। ଧୀରେ ଧୀରେ ତାଙ୍କ ମନରେ ଏକ ସୂକ୍ଷ୍ମ ଅହଂକାର ଜାଗ୍ରତ ହେଲା । ସେ ଅନୁଭବ କଲେ ଯେ, ଏହି ବିଶାଳ ସୃଷ୍ଟିରେ ତାଙ୍କ ସମାନ ଅନ୍ୟ କେହି ନାହାନ୍ତି। ସେ ନିଜକୁ ଏକମାତ୍ର ବ୍ରହ୍ମା ଏବଂ ସମ୍ପୂର୍ଣ୍ଣ ସୃଷ୍ଟିର ଏକମାତ୍ର ରଚୟିତା ବୋଲି ଭାବିବାକୁ ଲାଗିଲେ। ତେଣୁ ସୃଷ୍ଟିରେ ନିଜର ପରିଚୟ ଓ ସ୍ଥାନ ସମ୍ବନ୍ଧରେ ନିଶ୍ଚିତ ହେବାପାଇଁ ସେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣଙ୍କ ଦେଖା କରିବାପାଇଁ ଦ୍ୱାରକା ନଗରୀ ଅଭିମୁଖେ ଗମନ କଲେ। ଯେତେବେଳେ ବ୍ରହ୍ମାଜୀ ଦ୍ୱାରକାରେ ପହଞ୍ଚିଲେ, ସେଠାକାର ବୈଭବ ଦେଖି ସେ ଆଶ୍ଚର୍ଯ୍ୟଚକିତ ହୋଇଗଲେ। ସୁନାରେ ସଜ୍ଜିତ ପ୍ରାସାଦ, ଚମକୁଥିବା ପ୍ରାଙ୍ଗଣ, ଦିବ୍ୟ ସୁଗନ୍ଧ ଏବଂ ଚାରିଆଡ଼େ ଗୁଞ୍ଜରିତ ଶ୍ରୀକୃଷ୍ଣଙ୍କ ନାମ। ସେ ସିଧା ରାଜପ୍ରାସାଦର ଦ୍ୱାର ନିକଟରେ ପହଞ୍ଚି ଦ୍ୱାରପାଳଙ୍କୁ କହିଲେ, 'ଯାଅ, ଭଗବାନ ଶ୍ରୀକୃଷ୍ଣଙ୍କୁ କୁହ ଯେ ବ୍ରହ୍ମା ତାଙ୍କୁ ଭେଟିବାକୁ ଆସିଛନ୍ତି।' ଦ୍ୱାରପାଳ ଯାଇ ଶ୍ରୀକୃଷ୍ଣଙ୍କୁ ଏହି ବାର୍ତ୍ତା ଶୁଣାଇଲେ। କିନ୍ତୁ ଭିତରୁ ଯେଉଁ ଉତ୍ତର ଆସିଲା, ତାହା ଶୁଣି ସ୍ୱୟଂ ବ୍ରହ୍ମାଜୀ ମଧ୍ୟ ସ୍ତବ୍ଧ ହୋଇଗଲେ। ଶ୍ରୀକୃଷ୍ଣ ହସି ହସି କେବଳ ଗୋଟିଏ ପ୍ରଶ୍ନ ପଚାରିଲେ, 'କେଉଁ ବ୍ରହ୍ମା ଆସିଛନ୍ତି ?' ଏହା ଶୁଣିବା ମାତ୍ରେ ବ୍ରହ୍ମାଜୀଙ୍କ ମନରେ ହଟଚମଟ ସୃଷ୍ଟି ହେଲା। ସେ ଭାବିଲେ ବୋଧହୁଏ ଦ୍ୱାରପାଳ ବାର୍ତ୍ତାଟି ଠିକ୍ ଭାବରେ ପହଞ୍ଚାଇ ନଥିବେ। ସେ ପୁଣି କହିଲେ, 'ଯାଇ କୁହ ଯେ ଚାରି ମୁଖ ବିଶିଷ୍ଟ ବ୍ରହ୍ମା ଆସିଛନ୍ତି, ଯିଏ ଏହି ବ୍ରହ୍ମାଣ୍ଡର ସ୍ୱୟଂ ସୃଷ୍ଟିକର୍ତ୍ତା ଅଟନ୍ତି।' ଦ୍ୱାରପାଳ ପୁଣି ସେହି ବାର୍ତ୍ତା ଭିତରକୁ ନେଇଗଲେ। ଏଥର ଶ୍ରୀକୃଷ୍ଣ ତାଙ୍କୁ ଭିତରକୁ ଆସିବାକୁ ଅନୁମତି ଦେଲେ।

କିନ୍ତୁ ଯେମିତି ହିଁ ବ୍ରହ୍ମାଜୀ ରାଜସଭାରେ ପ୍ରବେଶ କଲେ, ତାଙ୍କ ପାଦତଳୁ ମାଟି ଖସିଗଲା। ତାଙ୍କ ସାମ୍ନାରେ ଯେଉଁ ଦୃଶ୍ୟ ଥିଲା, ତାହା ଦେଖି ତାଙ୍କର ସମସ୍ତ ଅହଂକାର ଗୋଟିଏ ମୁହୂର୍ତ୍ତରେ ଧୂଳିସାତ୍ ହୋଇଗଲା । ସଭାରେ କେବଳ ସେ ଏକୁଟିଆ ବ୍ରହ୍ମା ନଥିଲେ। ସେଠାରେ ଅସଂଖ୍ୟ ବ୍ରହ୍ମା ଉପସ୍ଥିତ ଥିଲେ । କାହାର ଦଶଟି ମୁଖ ଥିଲା ତ କାହାର ଶହେଟି ମୁଖ। କାହାର ହଜାରେ ମୁଖ ଥିଲା ତ କାହାର ଲକ୍ଷ ଲକ୍ଷ ମୁଖ ଥିଲା । କେତେକ ବ୍ରହ୍ମା ଏତେ ବିଶାଳ ଥିଲେ ଯେ ସେମାନଙ୍କର ଦିବ୍ୟ ଆଭା ସମଗ୍ର ସଭାକୁ ଆଲୋକିତ କରୁଥିଲା। ପ୍ରତ୍ୟେକ ବ୍ରହ୍ମା ନିଜ ନିଜ ବ୍ରହ୍ମାଣ୍ଡର ସ୍ୱାମୀ ଥିଲେ। ସମସ୍ତେ ଭଗବାନ ଶ୍ରୀକୃଷ୍ଣଙ୍କ ସମ୍ମୁଖରେ ନତମସ୍ତକ ହୋଇ ଠିଆ ହୋଇଥିଲେ। ଏହି ଦୃଶ୍ୟ ଦେଖି ଚତୁର୍ମୁଖ ବ୍ରହ୍ମାଜୀଙ୍କ ଶରୀରରେ କମ୍ପନ ସୃଷ୍ଟି ହେଲା। ସେ ପ୍ରଥମ ଥର ପାଇଁ ଅନୁଭବ କଲେ ଯେ ଯେଉଁ ପଦବୀକୁ ନେଇ ସେ ଏତେ ଗର୍ବ କରୁଥିଲେ, ତାହା ତ ଅନନ୍ତ ବ୍ରହ୍ମାଣ୍ଡ ମଧ୍ୟରୁ କେବଳ ଏକ ଛୋଟିଆ ବ୍ରହ୍ମାଣ୍ଡର ଦାୟିତ୍ୱ ମାତ୍ର ଅଟେ। ବ୍ରହ୍ମାଜୀଙ୍କ ମୁଣ୍ଡ ତଳକୁ ନଇଁଗଲା। ତାଙ୍କ ଭିତରେ ଥିବା ସମସ୍ତ ଅହଂକାର ମୁହୂର୍ତ୍ତକରେ ସମାପ୍ତ ହୋଇଗଲା। କମ୍ପିତ ସ୍ୱରରେ ସେ ଶ୍ରୀକୃଷ୍ଣଙ୍କୁ ପଚାରିଲେ, 'ପ୍ରଭୁ, ଏ କେମିତିକା ଲୀଳା ? ମୁଁ ତ ନିଜକୁ ସମ୍ପୂର୍ଣ୍ଣ ସୃଷ୍ଟିର ଏକମାତ୍ର ବ୍ରହ୍ମା ବୋଲି ଭାବୁଥିଲି।' ଶ୍ରୀକୃଷ୍ଣ ହସିଲେ। ତାଙ୍କ ମୁଖମଣ୍ଡଳରେ କରୁଣା ଏବଂ ଜ୍ଞାନର ଦିବ୍ୟ ଆଭା ଥିଲା। ସେ କହିଲେ, 'ହେ ବ୍ରହ୍ମା, ଏ ସୃଷ୍ଟି ଏତେ ଛୋଟ ନୁହେଁ ଯେତିକି ତୁମେ ଭାବୁଛ। ଅନନ୍ତ ବ୍ରହ୍ମାଣ୍ଡ ରହିଛି ଏବଂ ପ୍ରତ୍ୟେକ ବ୍ରହ୍ମାଣ୍ଡର ନିଜର ଜଣେ ବ୍ରହ୍ମା ଅଛନ୍ତି। ତୁମେ ସେମାନଙ୍କ ମଧ୍ୟରୁ କେବଳ ଜଣେ ଅଟ।'

ତା'ପରେ ଶ୍ରୀକୃଷ୍ଣ ସେହି ମହାନ ରହସ୍ୟ କହିଲେ ଯାହା ଶୁଣି ବ୍ରହ୍ମାଜୀଙ୍କ ଆଖି ଆଶ୍ଚର୍ଯ୍ୟରେ ବିସ୍ଫାରିତ ହୋଇଗଲା। ଭଗବାନ କହିଲେ, 'ମୋର ସ୍ୱରୂପ ଅନେକ ସ୍ତରରେ କାର୍ଯ୍ୟ କରିଥାଏ ଯଥା,
ମହାବିଷ୍ଣୁ (ଏହା ହେଉଛି ସେହି ସ୍ୱରୂପ ଯାହାଙ୍କର ଗୋଟିଏ ନିଶ୍ୱାସରେ ଅସଂଖ୍ୟ ବ୍ରହ୍ମାଣ୍ଡ ସୃଷ୍ଟି ହୁଏ ଏବଂ ଗୋଟିଏ ନିଶ୍ୱାସରେ ହିଁ ବିଲୀନ ହୋଇଯାଏ), ଗର୍ଭୋଦକଶାୟୀ ବିଷ୍ଣୁ (ଯିଏ ପ୍ରତ୍ୟେକ ବ୍ରହ୍ମାଣ୍ଡରେ ପ୍ରବେଶ କରନ୍ତି ଏବଂ ସେଠାରୁ ଜଣେ ଜଣେ ବ୍ରହ୍ମାଙ୍କର ଉତ୍ପତ୍ତି ହୁଏ) ଓ କ୍ଷୀରୋଦକଶାୟୀ ବିଷ୍ଣୁ (ପ୍ରତ୍ୟେକ ଜୀବର ହୃଦୟରେ ପରମାତ୍ମା ରୂପରେ ବାସ କରନ୍ତି।
ତେଣୁ ମୁଁ କେବଳ ଗୋଟିଏ ଲୋକରେ ନୁହେଁ, ପ୍ରତ୍ୟେକ ବ୍ରହ୍ମାଣ୍ଡ, ପ୍ରତ୍ୟେକ ଜୀବ ଏବଂ ପ୍ରତ୍ୟେକ କଣିକାରେ ଉପସ୍ଥିତ ଅଛି।'

ଶ୍ରୀକୃଷ୍ଣଙ୍କ ମୁଖରୁ ଏହି ଦିବ୍ୟ ଜ୍ଞାନ ଶୁଣି ବ୍ରହ୍ମାଜୀଙ୍କ ଆଖିରୁ ଲୁହ ଝରିବାକୁ ଲାଗିଲା। ସେ ପ୍ରଥମଥର ପାଇଁ ବୁଝିପାରିଲେ ଯେ ଈଶ୍ୱରଙ୍କ ମହିମାର କୌଣସି ଅନ୍ତ ନାହିଁ। ଯିଏ ନିଜକୁ ମହାନ୍ ବୋଲି ଭାବେ, ସେ ବାସ୍ତବରେ ଈଶ୍ୱରଙ୍କ ଅନନ୍ତ ଲୀଳାର ଏକ ଛୋଟିଆ ଅଂଶ ମାତ୍ର ଅଟେ। ସେ ସଙ୍ଗେ ସଙ୍ଗେ ଶ୍ରୀକୃଷ୍ଣଙ୍କ ଚରଣରେ ପଡ଼ିଯାଇ କହିଲେ,'ପ୍ରଭୁ, ମୋତେ କ୍ଷମା କରନ୍ତୁ। ମୁଁ ମୋର ପଦ ଏବଂ ଶକ୍ତି ଉପରେ ଗର୍ବ କରିବାକୁ ଲାଗିଥିଲି। ଆଜି ଆପଣ ମୋତେ ମୋର ପ୍ରକୃତ ସ୍ଥାନ ଦେଖାଇଦେଲେ।'

ଭଗବାନ ଶ୍ରୀକୃଷ୍ଣ ପ୍ରେମର ସହିତ ତାଙ୍କୁ ଉଠାଇଲେ ଏବଂ କହିଲେ, 'ହେ ବ୍ରହ୍ମା, ଜ୍ଞାନ ସେଇଠି ଜନ୍ମ ନିଏ ଯେଉଁଠି ଅହଂକାର ସମାପ୍ତ ହୁଏ। ଯେପର୍ଯ୍ୟନ୍ତ ମନୁଷ୍ୟ ନିଜକୁ ସବୁଠାରୁ ବଡ଼ ବୋଲି ଭାବେ, ସେପର୍ଯ୍ୟନ୍ତ ସେ ସତ୍ୟଠାରୁ ଦୂରରେ ରହେ। କିନ୍ତୁ ଯେଉଁ ଦିନ ତା'ର ଅହଂକାର ଭାଙ୍ଗିଯାଏ, ସେହି ଦିନ ହିଁ ତା' ଭିତରେ ପ୍ରକୃତ ଜ୍ଞାନର ଆଲୋକ ପ୍ରକଟ ହୁଏ।'

ସେଦିନ ଦ୍ୱାରକାର ସେହି ଦିବ୍ୟ ସଭାରେ କେବଳ ବ୍ରହ୍ମାଜୀଙ୍କର ଅହଂକାର ଭାଙ୍ଗି ନଥିଲା, ବରଂ ସଂସାର ପାଇଁ ଏକ ମହାନ୍ ବାର୍ତ୍ତା ମଧ୍ୟ ପ୍ରକଟ ହୋଇଥିଲା। ଏହି ବାର୍ତ୍ତା ଥିଲା ଯେ ଈଶ୍ୱରଙ୍କ ସୃଷ୍ଟି ଅନନ୍ତ, ତାଙ୍କର ଶକ୍ତି ଅସୀମ ଏବଂ ତାଙ୍କ ସାମ୍ନାରେ ସବୁଠାରୁ ମହାନ୍ ବ୍ୟକ୍ତି ମଧ୍ୟ ଏକ ଛୋଟ ଅଂଶ ମାତ୍ର ଅଟେ। ଏହା ହିଁ ସନାତନ ଧର୍ମର ସେହି ଗଭୀର ରହସ୍ୟ ଯାହା ଆମକୁ ଶିଖାଏ ଯେ ବ୍ରହ୍ମାଣ୍ଡ ଯେତେ ବିଶାଳ ହେଉନା କାହିଁକି, ତା' ପଛରେ ଗୋଟିଏ ହିଁ ପରମ ସତ୍ୟ କାର୍ଯ୍ୟ କରୁଛି ଏବଂ ସେହି ସତ୍ୟ ହେଉଛି ଭଗବାନଙ୍କ ଅନନ୍ତ ଲୀଳା। ଅହଙ୍କାରର ବଶବର୍ତ୍ତୀ ହୋଇ ଆମେ ଭାବୁ ଯେ ଆମେ ଦୁନିଆରେ ସବୁଠାରୁ ବଡ଼, କିନ୍ତୁ ଭଗବାନ ଶ୍ରୀକୃଷ୍ଣଙ୍କ ସୃଷ୍ଟି କେତେ ବିଶାଳ ତାହା ଆମକୁ ଜଣାପଡିବ ଯେତେବେଳେ ଅହଙ୍କାରକୁ ପରିତ୍ୟାଗ କରିବା । ତେଣୁ ଜ୍ଞାନର ଅହଙ୍କାରକୁ ପରିତ୍ୟାଗ କରି ଜଦି ଆମେ ଅହଙ୍କାରର ଜ୍ଞାନ ସମ୍ବନ୍ଧରେ ଜାଣିବା ତେବେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ।

**ଶ୍ରୀବତ୍ସ ନାୟକ, ଅଧ୍ୟାପକ, ବାଣିଜ୍ୟ ବିଭାଗ, କଟକ,**
**ମୋ: ୯୪୩୮୦୭୦୮୪୯**



# ଶ୍ରୀଜଗନ୍ନାଥ ସଂସ୍କୃତି

# ଓଡ଼ିଶାର ଭକ୍ତ କବି

**ଅଲେଖ ଚନ୍ଦ୍ର ସାମଲ**

ଓଡ଼ିଶାରେ ମହାପ୍ରଭୁଙ୍କ ଭକ୍ତକବିଙ୍କ ସମ୍ପର୍କରେ ଆଲୋଚନା କରି ବସିଲା ବେଳକୁ ସର୍ବପ୍ରଥମେ ଦୃଷ୍ଟିକୁ ଆସନ୍ତି ଭକ୍ତକବି ସାରଳା ଦାସ : ସେ ତାଙ୍କ 'ମହାଭାରତ'ରେ ଜୀବନ ଚେତନା, ସାମାଜିକ ଶୃଙ୍ଖଳା, ତତ୍କାଳୀନ ଜାତି, ଧର୍ମ, ଲୋକଚରିତ୍ର ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ତାଙ୍କ ସାହିତ୍ୟ ହେଉଛି ଶ୍ରେଷ୍ଠ ସାହିତ୍ୟ ଯେଉଁ ସାହିତ୍ୟ ଲୋକଜୀବନକୁ ଯୁଗେ ଯୁଗେ ଅନୁପ୍ରାଣିତ କରିଚାଲିଛି । ଏ ଦୃଷ୍ଟିରୁ ବିଚାର କଲେ ଜଣାଯାଏ ଯେ ଭକ୍ତକବି ସାରଳା ଦାସଙ୍କ ମହାଭାରତ ଜନଜୀବନର ସଫଳ ପ୍ରତିଫଳନ । ତାଙ୍କର ସୃଷ୍ଟି ସମ୍ପଦ ସେହି କାରଣରୁ କେବଳ ଓଡ଼ିଆ ସାହିତ୍ୟର ଗର୍ବ ଓ ଗୌରବ ନୁହେଁ, ଯୁଗ ଯୁଗ ଧରି ତାହା ଓଡ଼ିଆ ସମାଜର ଅଦ୍ଭୁତ ପ୍ରେରଣାର ଉତ୍ସ ହୋଇ ଆସିଅଛି । ମଧ୍ୟଯୁଗୀୟ ସମୟରେ ଚୈତନ୍ୟଦେବଙ୍କ ଓଡ଼ିଶା ଆସିବା ପରେ ଏଠି ଗୌଡ଼ୀୟ ବୈଷ୍ଣବ ଚେତନାର ଧାରା ପ୍ରବାହିତ ହୋଇଥିଲା ।

ଭକ୍ତକବି ଯଶୋବନ୍ତ ଦାସ ଥିଲେ ସେହି ଚେତନାର ଅଗ୍ରଦୂତ । ତାଙ୍କ ରଚିତ ଭଜନଗୁଡ଼ିକରେ ବାସ୍ତବରେ ବୈଷ୍ଣବ ଭକ୍ତିଭାବ ଓ ଜୀବନ ଦର୍ଶନ ସମ୍ପୂର୍ଣ୍ଣ ରୂପେ ପ୍ରତିଫଳିତ । ସେ ଲେଖିଛନ୍ତି – 'ସୁମନ ଆରେ ମୋ ବୋଲ କର, ସୁସଙ୍ଗେ ସୁପଥେ ଯାଅରେ । ଅଗାଧ ଜଳ ନପାଇ ସ୍ଥଳ ହରିନାମ ମୁଖେ ଗାଅରେ ।' ଏହି ଭଜନରେ ସାଧାରଣ ଜନ ସମାଜ ମଧ୍ୟରେ ନୈତିକ ସଂସ୍କାର ଆନୟନ ପାଇଁ ପ୍ରଚେଷ୍ଟା ହୋଇଛି । ସେ ଯେ ଜଣେ ପରମ ବୈଷ୍ଣବ ତାହା ଅନୁମିତ ହୋଇଥାଏ ।

ଷୋଡ଼ଶ ଶତାବ୍ଦୀ ବେଳକୁ ଓଡ଼ିଶାରେ ବୈଷ୍ଣବ ସାଧକଙ୍କ ଗୋଷ୍ଠୀ 'ପଞ୍ଚସଖା' ଭାବରେ ପରିଚିତ ଥିଲେ । ତାଙ୍କ ଭିତରୁ ମହାପ୍ରଭୁଙ୍କ ପଙ୍କଜର ଭକ୍ତିର ନୈବେଦ୍ୟ ଢ଼ାଳି ବିଶେଷକରି ଶିଶୁ ସମ୍ପ୍ରଦାୟର ପ୍ରତିଷ୍ଠାତା ଥିଲେ ଭକ୍ତକବି ଶିଶୁ ଅନନ୍ତ । ଓଡ଼ିଆ ସାହିତ୍ୟକୁ ଅତୁଳନୀୟ ଦାନ ଦେଇଥିବା ଭକ୍ତକବି ଶିଶୁ ଅନନ୍ତ ଦାସଙ୍କ ପ୍ରଭାବ ପରବର୍ତ୍ତୀ ଓଡ଼ିଆ ସାହିତ୍ୟରେ ଦେଖାଦେଇଥିଲା । ଅନେକ ବୈଷ୍ଣବ କବି ସାଧନା କ୍ଷେତ୍ରରେ ନିଜ ନାମ ପୂର୍ବରୁ ଶିଶୁ ଶବ୍ଦ ଯୋଗ କରୁଥିଲେ । ସେମାନଙ୍କ ଭିତରେ ଶିଶୁ ଅର୍ଜୁନ ଦାସ, ଶିଶୁ ବନମାଳୀ ଦାସ, ଶିଶୁ ଶଙ୍କର ଦାସ ପ୍ରଭୃତିଙ୍କ ନାମ ଉଲ୍ଲେଖନୀୟ ।

ଆମ ଓଡ଼ିଆ ଆଧ୍ୟାତ୍ମିକ ଗ୍ରନ୍ଥ ସାହିତ୍ୟରେ 'ବ୍ରହ୍ମଜ୍ଞାନ ଗୀତା' ହେଉଛି ସ୍ୱତନ୍ତ୍ର ଓ ଅନନ୍ୟ । ଅଠରଟି ଅଧ୍ୟାୟରେ ଶ୍ରୀକୃଷ୍ଣ ଅର୍ଜ୍ଜୁନ ସମ୍ବାଦ ନିଖୁଣ ଭାବରେ ବର୍ଣ୍ଣନା କରିଥିଲେ ସିଦ୍ଧକବି ପର୍ଶୁରାମ ବିହାରୀ । ଶ୍ରୀଜଗନ୍ନାଥ ଚେତନାରେ ସେ ଏକ ଭାବପୂର୍ଣ୍ଣ ଭକ୍ତିଧାରା ଚଉପଦି ଭାବରେ ସୃଷ୍ଟି କରିଥିଲେ ତାହା ହେଉଛି ପୁଣି 'ଆହେ ଚକାଡ଼ୋଳା । ତୁମ୍ଭେ ଥାଉଁ ଥାଉଁ ବୁଡୁଅଛି ଭେଳା ହେ' ଅନ୍ୟ ଏକ ଚଉପଦୀରେ ଶ୍ରୀରାଧାଙ୍କର ବିରହ ଜ୍ୱର ଘୁଞ୍ଚିବା ପାଇଁ ଶ୍ରୀରାଧା ଖୋଜିଛନ୍ତି ରୁଚିକର ଖାଦ୍ୟ । କେବଳ ହିଁ ଶ୍ରୀକୃଷ୍ଣ ନାମରୋଚକ ବିଭିନ୍ନ ଖାଦ୍ୟ ପଦାର୍ଥ । ଏହି ଖାଦ୍ୟ ଭିତରେ ରହିଛି ଓଡ଼ିଆ ଗାଁ ଗହଳିର ଖାଦ୍ୟ । ଓଡ଼ିଆ ସାହିତ୍ୟରେ ଆମେ ଅନ୍ୟ ଅଧ୍ୟାୟରେ ଆଲୋଚନା କରିଥିବା ଦୀନକୃଷ୍ଣ ବା କୃଷ୍ଣ ଦାସ ନାମରେ ଏକାଧିକଙ୍କୁ ଆମେ ସାହିତ୍ୟ ସାଧନା କ୍ଷେତ୍ରରେ ପାଇଛୁ ସେହିଭଳି ଓଡ଼ିଆ ସାହିତ୍ୟରେ ମଧ୍ୟ ଅତି ପରିଚିତ ଭକ୍ତ କବି ହେଉଛି ଭକ୍ତକବି ବନମାଳୀ ଦାସ (ଜେନା) । ତାଙ୍କ କାଳଜୟୀ ରଚନା ଗୁଡ଼ିକ ହେଉଛି 'ବର୍ଷାକାଳୀନ ରାସ', 'ପ୍ରଣେତା ବନମାଳୀ ସାମନ୍ତରାୟ', 'ରାଧିକା ବୋଲି' ଓ 'ବଡ଼ ଉଦ୍ଧବ ଚଉତିଶା'ର ରଚୟିତା ଦ୍ୱିଜ ବନମାଳୀ, 'ଚାଟ ଇଛାବତୀ' ଏବଂ 'ବନମାଳୀ ରାସ' ପ୍ରମୁଖ । ତାଙ୍କ ରଚିତ ସୁବିପୁଳ ରାସଗ୍ରନ୍ଥ 'ବନମାଳୀ ରାସ'ରେ ଉଲ୍ଲେଖ ଅଛି – 'ବାଳୁତ ମତି ଦୁର୍ବୁଦ୍ଧି ଅଗଂ୍ୟ ଜଡ଼ ଦେହୀ, ବର୍ଣ୍ଣେଣ ଗୋପାଳ ମୁଁ ସୁଜନ ସଙ୍ଗ ନାହିଁ । ପିତା ମୋହନ ଜେନା ପରେଣ ଉପଗାର, ତାହାଙ୍କ ଧର୍ମରୁ ସେ ନିର୍ମଳ ମୋ ଶରୀର ।' ମୋଟ ଉପରେ ଦେଖିବାକୁ ଗଲେ ଉତ୍କଳୀୟ ବୈଷ୍ଣବ ଧର୍ମଧାରଣାରେ ଦୀକ୍ଷିତ କବି ବନମାଳୀ ଧର୍ମ କ୍ଷେତ୍ରରେ ଅତ୍ୟନ୍ତ ଉଦାର ଓ ସମନ୍ୱୟବାଦୀ ଥିବାର ମନେହୁଏ ।

'ବାପା ମୋ ମୋଗଲ ପୁଅ ମାଆ ମୋ ବ୍ରାହ୍ମଣୀ, ଏ କୁଳେ ଜନ୍ମିଲି ହିନ୍ଦୁ ନଖାଏ ମୋ ପାଣି । ପିତା ମୋ ମୋଗଲ ବେଟା ମାତା ମୋ ବ୍ରାହ୍ମଣୀ, ହୀନ କୁଳେ ଜାତ ମୁହିଁ ହିନ୍ଦୁ ନ ଛୁଏଁ ପାଣି ।' – ଖ୍ରୀଷ୍ଟ ୧୬୭୮ ବେଳକୁ ମହାପ୍ରଭୁଙ୍କ ଜଣେ ଏପରି ଭକ୍ତ ଯିଏ ନିଜ ସୃଷ୍ଟି ଓ ଜୀବନର ଭାବପୂର୍ଣ୍ଣ ଅଭିବ୍ୟକ୍ତିକୁ ଓଜନିଆ କଣ୍ଠରେ ଓ ଆବେଗପୂର୍ଣ୍ଣ ଭାବରେ ଉଲ୍ଲେଖ କରିଥିଲେ ସେ ହେଉଛନ୍ତି ଯବନଭକ୍ତ ଭକ୍ତକବି ସାଲବେଗ । ତାଙ୍କ ରଚନାରୁ ତାଙ୍କ ପିତା ଜଣେ ଯବନ ଓ ମାତା ବ୍ରାହ୍ମଣୀ ବୋଲି ସୂଚାଇ ଅଛନ୍ତି । ଆଲୋଚନାରୁ ଜଣାଯାଏ ଯେ ତାଙ୍କ ପିତା ଥିଲେ ଜାହାଙ୍ଗୀର କୁଲି ଖାଁ । ଯାହାଙ୍କୁ ସମସ୍ତେ ଲାଲବେଗ ନାମରେ ଜାଣିଥାନ୍ତି । ସାଲବେଗଙ୍କ ଭାବପୂର୍ଣ୍ଣ ଶ୍ରୀଜଗନ୍ନାଥଙ୍କ ଆବେଗଭରା ଭଜନ ଗୁଡ଼ିକ ଭକ୍ତଜନ

**'ଯେତେକ ବିଷ୍ଣୁ ଅବତାର, ଏହି କ୍ଷେତ୍ରରୁ ସେ ବାହାର । ଏ ଦେବଙ୍କ ଉତ୍ତମ, ଶ୍ରୀକ୍ଷେତ୍ର ଏ ପୁରୁଷୋତ୍ତମ' – କବି ଜଗନ୍ନାଥ ଦାସ 'ଶ୍ରୀଜଗନ୍ନାଥ ଚରିତ୍ରାମୃତ ଚତୁର୍ଥ ଅଧ୍ୟାୟ'ରେ ଶ୍ରୀକ୍ଷେତ୍ରର ମହାତ୍ମ୍ୟ ସମ୍ପର୍କରେ ନିଜ ଭାବନା ବ୍ୟକ୍ତ କରିଛନ୍ତି । ସେହିଭଳି କବି ଅର୍ଜ୍ଜୁନ ଦାସ ତାଙ୍କ 'କଳ୍ପଲତା' ପୁସ୍ତକରେ ଉଲ୍ଲେଖ କରିଛନ୍ତି – 'ନାମ ଜଗନ୍ନାଥ ଶ୍ରୀମୁଖ କଳା, ବିକଚ ଶ୍ୱେତପଦ୍ମ ବେନି ଡୋଳା ।' 'ଜଗମୋହନ ରାମାୟଣ'ରେ ଉଲ୍ଲେଖ ଅଛି – 'ବନ୍ଦଇ ଜଗନ୍ନାଥ କମଳାଦେବୀର ପତି, ନୀଳଗିରି ସୁନ୍ଦର ଅପୂର୍ବ ଦିବ୍ୟମୂର୍ତ୍ତି' । ଆବହମାନ ସମୟରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୁଣ୍ୟପାବନ ଭୂମିରେ ସମୟ ଅତିବାହିତ କରି ଅନେକ ଭକ୍ତକବି ତାଙ୍କ ଲୀଳା ବର୍ଣ୍ଣନା କରିଛନ୍ତି । ସମୟର ବିବର୍ତ୍ତନରେ ଆସିଛି ଅନେକ ପରିବର୍ତ୍ତନ । ନୂତନ ଆଲୋକର ଶିଖା ଏହାର ଦିଗବଳୟକୁ ଆଲୋକିତ କରିଛି ସତ; କିନ୍ତୁ ପୁରାତନର ଆଭା ସଂପୂର୍ଣ୍ଣ ଲିଭି ଯାଇନି ବରଂ ଏହା ଆମର ସଂସ୍କୃତିକୁ କରିଛି ଆହୁରି ପୁଷ୍କଳ ଓ ଋଦ୍ଧିମନ୍ତ ।**





ତାଙ୍କ କଣ୍ଠ ଭୂଷଣ ହୋଇଥାଏ। ଓଡ଼ିଶାରେ ଜଣାଣ ଭଜନ, ଚଉତିଶା ଠାରୁ ଅଲଙ୍କାରପୂର୍ଣ୍ଣ ରାଧାକୃଷ୍ଣ ପ୍ରଣୟ ବିଳାସ ହେଉ ବା ପ୍ରକୃତିରୂପୀଣି ରାଧିକା ଏ ସବୁକୁ ଅତି ଲାଳିତ୍ୟ ପୂର୍ଣ୍ଣ ଭାବେ ଓଡ଼ିଆ ଭାଷାରେ ଯିଏ ମଧୁର ଧ୍ୱନୀମୟ କରି 'କଲ୍ଲୋଳେ ପଦଲାଳିତ୍ୟମ' କରି ଗ୍ରନ୍ଥ ସୃଷ୍ଟି କରିଥିଲେ ସେ ହେଉଛନ୍ତି ଭକ୍ତକବି ଦୀନକୃଷ୍ଣ । ଦୀନକୃଷ୍ଣ ସପ୍ତଦଶ ଶତକର କବି। ଏହି ସମୟଟି ହେଉଛି ଓଡ଼ିଆ ସାହିତ୍ୟରେ ରୀତି ଚେତନାର ଯଥାର୍ଥ ଅଭ୍ୟୁଦୟକାଳ। କବି ଦୀନକୃଷ୍ଣ, ସୃଷ୍ଟି, ସ୍ଥିତି, ଲୟର ଏକମାତ୍ର କର୍ତ୍ତା ରୂପେ ଜଗନ୍ନାଥଙ୍କର ଅନନ୍ୟତାକୁ ସ୍ୱୀକାର କରି ନିଜ ସୃଷ୍ଟିରେ ତାଙ୍କର ସେଇ ଭାବମୂର୍ତ୍ତିକୁ ସ୍ପଷ୍ଟ କରିଛନ୍ତି।

ବାଲୁଗାଁର ଭକ୍ତ ଦାସିଆଙ୍କ ଘଟଣା ହେଉଛି ଖ୍ରୀଷ୍ଟ ୧୬୨୫ ସମୟର। ତାଙ୍କ ପ୍ରଦତ୍ତ ନଡ଼ିଆ ଅଦୃଶ୍ୟ ଭାବରେ ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଗ୍ରହଣ କରିବା କାଳ କାଳ ପାଇଁ ଭକ୍ତ ଓ ଭଗବାନ ସମ୍ପର୍କରେ ଏକ ଭାବପୂର୍ଣ୍ଣ ଉଦାହରଣ ହୋଇ ରହିଗଲା। 'ଆଗତ ଭବିଷ୍ୟତ ମାଳିକା' ଓ 'ଭକ୍ତ ମାଳିକା' ସୃଷ୍ଟି କରିଥିବା ମହାପ୍ରଭୁଙ୍କ ଅନନ୍ୟ ଭକ୍ତ ହେଉଛନ୍ତି ଭକ୍ତ ଦାସିଆ ବାଉରୀ। 'ଆଗତ ଭବିଷ୍ୟତ' ଗ୍ରନ୍ଥର ମଙ୍ଗଳା ଚରଣରେ ଶ୍ରୀଜଗନ୍ନାଥଙ୍କୁ ଶ୍ରୀୟା ଦେବୀବର, ଶ୍ରୀଧର, କମଳା ମନୋହାରୀ ଶଙ୍ଖଚକ୍ର ପଦ୍ମଧାରୀ ପ୍ରଭୃତି ରୂପରେ କବି ବନ୍ଦନା କରି ତାଙ୍କର ଚରଣ କମଳରେ ଶରଣ ଭିକ୍ଷା କରିଛନ୍ତି। ଜଗନ୍ନାଥ ତତ୍ତ୍ୱ ସମ୍ପର୍କରେ 'ରସିକ ହରାବଳୀ' ସୃଷ୍ଟି କରିଥିବା କବି ହେଉଛନ୍ତି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ। ତାଙ୍କର ଅନ୍ୟତମ ସୃଷ୍ଟି ହେଉଛି 'କଳାକଉତୁକ' ଓ 'ଛାନ୍ଦ ଭୂଷଣ' ଯେଉଁଥିରେ ଜଗନ୍ନାଥ ଓ କୃଷ୍ଣଙ୍କ ମଧ୍ୟରେ କବି ଅଭେଦ କଳ୍ପନା କରିଛନ୍ତି। 'ଲାବଣ୍ୟବତୀ', 'ବୈଦେହୀ ବିଳାସ', 'ପ୍ରେମସୁଧାନିଧି', 'ରସଲେଖା', 'କଳାକଉତୁକ' ଓ 'ନୀଳାଦ୍ରିଶ ଚଉତିଶା' ପ୍ରଭୃତି କାବ୍ୟ ଗ୍ରନ୍ଥରେ କବି ଜଗନ୍ନାଥଙ୍କର ବନ୍ଦନା କରିବା ସଙ୍ଗେ ସଙ୍ଗେ ରାମ ଓ କୃଷ୍ଣଙ୍କୁ ଲୀଳା ଅବତାର ଭାବରେ ବର୍ଣ୍ଣନା କରି ନିଜ ଭକ୍ତି ଅର୍ପଣ କରିଛନ୍ତି। ଅଷ୍ଟାଦଶ ଶତାବ୍ଦୀର କବିଙ୍କ ସମ୍ପର୍କରେ ଯାହା ତଥ୍ୟ ମିଳେ ତାଙ୍କ ଘଟଣା ହେଉଛି ୧୭୩୮ ସମୟର। 'ଗଜ ଉଦ୍ଧାରଣ', 'ଦ୍ରୌପଦୀ ଲଜ୍ଜା ନିବାରଣ', 'ବାଳୀବଧ' ଓ 'ଅଜାମିଳ ଉଦ୍ଧାର' ପରି ଭକ୍ତି ନୈବେଦ୍ୟପୂର୍ଣ୍ଣ ଗ୍ରନ୍ଥ ରଚନା କରିଥିବା ଓଡ଼ିଶାର ଅନନ୍ୟ ପ୍ରମୁଖ କବି ହେଉଛନ୍ତି କବି ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା।

୧୭୫୭-୧୮୦୬ ସମୟର କଥା। ସେହି ସମୟରେ ଓଡ଼ିଶାରେ ଭକ୍ତକବି ଭାବେ ଅନେକ କାଳଜୟୀ ସୃଷ୍ଟି କରିଛନ୍ତି ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର। ତାଙ୍କର ଉଲ୍ଲେଖନୀୟ କାବ୍ୟ ହେଉଛି 'ବିଦଗ୍ଧ ଚିନ୍ତାମଣି'। ଯେଉଁଥିରେ ରାଧାକୃଷ୍ଣଙ୍କ ମାନଭଞ୍ଜନ ଲୀଳା ବର୍ଣ୍ଣନା କରିବା ପ୍ରସଙ୍ଗରେ ଜଗନ୍ନାଥଙ୍କ ରଥଯାତ୍ରାବେଳେ ଗୁଣ୍ଡିଚା ବାଡ଼ିରେ ଥିବା ରଥକୁ ହେରାପଞ୍ଚମୀ ଦିନ ଯାଇ ଲକ୍ଷ୍ମୀଦେବୀ ରଥରୁ ଖଣ୍ଡେ ଭାଙ୍ଗି ଆଣିବା କାର୍ଯ୍ୟକୁ ଉପମା ଦେଇ ଏଠାରେ ପ୍ରକାଶ କରିଛନ୍ତି। ୧୭୭୨ ଖ୍ରୀଷ୍ଟାବ୍ଦର କବି ହେଉଛନ୍ତି ଭକ୍ତକବି ହାଡ଼ି ଦାସ। ତାଙ୍କର ଉଲ୍ଲେଖନୀୟ ଗ୍ରନ୍ଥ ହେଉଛି 'ଶଙ୍ଖନାଭି'। ଏହି ଗ୍ରନ୍ଥରେ ଏକୋଇଶିଟି ଅଧ୍ୟାୟ ରହିଛି ଯେଉଁଥିରେ ରାଜା ଇନ୍ଦ୍ରଦ୍ୟୁମ୍ନ ଓ ବ୍ରହ୍ମାଙ୍କ ପ୍ରଶ୍ନୋତ୍ତର ମାଧ୍ୟମରେ ଶ୍ରୀକ୍ଷେତ୍ରର ଗୌରବ ଓ ଜଗନ୍ନାଥଙ୍କ ବିଭେଦ ତତ୍ତ୍ୱ ବର୍ଣ୍ଣିତ ହୋଇଛି। ତାଙ୍କର ଅନ୍ୟତମ ସୃଷ୍ଟି ହେଉଛି 'କ୍ଷେତ୍ର ମାହାତ୍ମ୍ୟ', 'ନୀଳମାଧବ ଗୀତା', 'ଶଙ୍ଖନାଭି ଭୈଇରବ ସ୍ତୁତି', 'ଅନନ୍ତଗୋଇ' ପ୍ରମୁଖ। ସେ ତାଙ୍କ ଶେଷ ଜୀବନ ଜଗନ୍ନାଥଙ୍କ ସ୍ତୁତି କରି ପୁରୁଷୋତ୍ତମ କ୍ଷେତ୍ରର ମହନୀୟତା ପ୍ରତିପାଦନ କରିବା ସଙ୍ଗେ ସଙ୍ଗେ ନୀଳାଦ୍ରି ବିହାରୀଙ୍କ ପାଦପଦ୍ମରେ ଲୟ ରଖିଛନ୍ତି। ଶ୍ରୀକ୍ଷେତ୍ରରର ବେଢ଼ାର ଦେବାଦେବୀଙ୍କ ବର୍ଣ୍ଣନ ସହ ପରଂବ୍ରହ୍ମ ଚତୁର୍ଦ୍ଧା ବିଗ୍ରହ, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କର ବର୍ଣ୍ଣନା କରି ଭକ୍ତି ଗୀତିକା 'ଚନ୍ଦ୍ରକଳା', 'ସର୍ପ ଜଣାଣ', 'ମହାବାହୁ ଜଣାଣ' ପରି କାଳଜୟୀ ସୃଷ୍ଟି କରିଥିବା କବି ହେଉଛନ୍ତି କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ। ତାଙ୍କ ରଚନାର ସ୍ୱତନ୍ତ୍ରତା ହେଉଛି ତାଙ୍କ ଲେଖନୀ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂର 'କ୍ଷ' ଗୀତରେ ରାଧାକୃଷ୍ଣ ଲୀଳାର ଉପସଂହାର ହୋଇଛି। ୧୮୫୭ ଖ୍ରୀଷ୍ଟାବ୍ଦର ସିପାହୀ ବିଦ୍ରୋହରେ ଭାଗ ନେଇଥିବା ପୁରୀର ଚାଖି ଖୁଣ୍ଟିଆ ବା ଚନ୍ଦନ ହଜୁରୀଙ୍କ ଜନପ୍ରିୟ ଜଣାଣ ଶ୍ରୋତାମାନଙ୍କୁ ଆଲୋଡ଼ିତ କରିଥିଲେ। ତାଙ୍କ ପ୍ରମୁଖ ରଚନା ଗୁଡ଼ିକ ହେଉଛି ଯାହା ଅନେକଙ୍କ ପାଇଁ ତାଙ୍କ ଅନ୍ୟତମ ନାମ ଚନ୍ଦନ ହଜୁରୀଙ୍କ ରଚନା ଭାବେ ପ୍ରସିଦ୍ଧ ସେଗୁଡ଼ିକ ହେଉଛି 'କରୀ' ଓ 'ହରିଣୀର ଜୀବନ ରକ୍ଷକ', 'ସୁଦାମା ଦରିଦ୍ର ନାଶକ', 'ପାପୀ ଅଜାମିଳର ମୁକ୍ତିପ୍ରଦାତା' ପ୍ରମୁଖ। ଯେଉଁଥିରେ ସେ ସ୍ୱୟଂ ନିଜର ମୁକ୍ତି ପାଇଁ ପ୍ରାର୍ଥନା ଘେନା କରିଛନ୍ତି।


ଉତ୍କଳମଣି ଗୋପବନ୍ଧୁଙ୍କ ସମୟ ହେଉଛି ଖ୍ରୀ: ୧୮୭୭-୧୯୨୮ ବେଳର। ସେ ମହାପ୍ରଭୁ ଜଗନ୍ନାଥ ଆଉ ନୀଳାଚଳଧାମ ସମ୍ପର୍କରେ ଲେଖନୀ ଚାଳନା କରି ଉଲ୍ଲେଖ କରିଥିଲେ - 'ଜଗତର ସରସୀ ଭିତରେ ଭାରତ କମଳ ମଧ୍ୟରେ କେଶର ହେଉଛି ପୁଣ୍ୟ ନୀଳାଚଳଧାମ'। ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସେହି ନୀଳାଚଳଧାମରେ ସାମ୍ୟ ମୈତ୍ରୀ ମନ୍ତ୍ରର ଉଚ୍ଚାରଣ ସ୍ଥାନର ଗୌରବକୁ ବୃଦ୍ଧି କରେ। ରସିକ କବି ବୈଷ୍ଣବ ପାଣିଙ୍କ ସମୟ ହେଉଛି ଖ୍ରୀ: ୧୮୮୨-୧୯୫୬ ବେଳର। ତାଙ୍କର ଏକ ଲାଳିତ୍ୟପୂର୍ଣ୍ଣ ଲେଖାର ଧାଡ଼ିଟି ହେଉଛି - 'ବଡ଼ ଦେଉଳର ବଡ଼ ଗୋସାଇଁ ଯେଉଁଠୁ ମାଡ଼ ଖାଆନ୍ତି ସେହିମାନଙ୍କୁ ବର ଦିଅନ୍ତି'। କେବଳ ସେତିକି ନୁହେଁ ମହାପ୍ରଭୁଙ୍କୁ ପୁଣି ହାତୀ ମୁଖ ଓ ଜାତିଗୋତ୍ର ହୀନ ବୋଲି କହି ମୃଦୁ ଭର୍ତ୍ସନା କରିଛନ୍ତି। କବିଚନ୍ଦ୍ର କାଳୀ ଚରଣ ପଟ୍ଟନାୟକଙ୍କ ସମୟ ହେଉଛି ୧୮୯୮-୧୯୭୮ ବେଳର। ସେ ଅତି ଲାଳିତ୍ୟପୂର୍ଣ୍ଣ ଭାବରେ ମହାପ୍ରଭୁଙ୍କ ଉପରେ ଦରଦୀ ହୃଦୟରେ ଅଭିମାନ କଣ୍ଠରେ ଅଳି କରିଛନ୍ତି 'ତାଙ୍କ ପାଇଁ ସେହି କରୁଣାର ସିନ୍ଧୁ ଶୁଖି ଯାଉଛି କିନ୍ତୁ ପତିତପାବନ ବାନା ଉଡାଇ ନନ୍ଦିଘୋଷ ରଥରେ ବିଜେ ହୋଇ ଜଗବନ୍ଧୁ ଜନସମୁଦ୍ରରୁ ଜନ ମନର ଦୁଃଖକୁ ଦୂର କରୁଛନ୍ତି'। ରାଧାମୋହନ ଗଡ଼ନାୟକ ହେଉଛନ୍ତି ଖ୍ରୀ:ଅ ୧୯୧୦ ସମୟର। ତାଙ୍କର ଉଲ୍ଲେଖନୀୟ କବିତାଟି ହେଉଛି 'ଶ୍ରୀୟା ଚଣ୍ଡାଳୁଣୀ'। ଯେଉଁଥିରେ ମାର୍ଗଶୀର ମାସର ମାହାତ୍ମ୍ୟ ଉଲ୍ଲେଖ କରିବା ସହ ଏ କଥା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଲକ୍ଷ୍ମୀଙ୍କର ମନସ୍କାମନା ପୂର୍ଣ୍ଣ ପାଇଁ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଭେଦାଭେଦ ଭୁଲି ସମସ୍ତେ ଏକମନ ଏକ ପ୍ରାଣରେ ସେହି ଚଣ୍ଡାଳ ହାତରୁ ମହାପ୍ରସାଦ ସେବନ କରିବେ ବୋଲି ଜଗନ୍ନାଥ କହିଛନ୍ତି। ଭକ୍ତକବି ନାରାୟଣାନନ୍ଦ ଅବଧୂତସ୍ୱାମୀ ହେଉଛନ୍ତି 'ରୁଦ୍ରାସୁଧାନିଧି'ର ଲେଖକ। ତାଙ୍କ ରଚନାରେ ଶୈବ, ଶାକ୍ତ, ବୈଷ୍ଣବ ତାନ୍ତ୍ରିକ ମତବାଦ, କାପାଳିକ ମତ, ପାଶୁପତ ମତ ଏବଂ ବୌଦ୍ଧମତ ମଧ୍ୟ ପ୍ରସଙ୍ଗକ୍ରମେ ଉତଥାପିତ ହୋଇ ଏକ ମନୋରମ ପରିବେଶ ସୃଷ୍ଟି କରିଛି। ସେ କେବଳ ଜଣେ ସାଧାରଣ କବି ବା ଭକ୍ତ ନଥିଲେ ସେ ଥିଲେ ଜଣେ ଦାର୍ଶନିକ, ଭକ୍ତକବି, ପଣ୍ଡିତ, ତାନ୍ତ୍ରିକ ଏବଂ ଧର୍ମ ପ୍ରବକ୍ତା ରୂପେ ଖ୍ୟାତି ଅର୍ଜନ କରିଛନ୍ତି।

ଭକ୍ତକବି ରାୟ ରାମାନନ୍ଦ ହେଉଛନ୍ତି ପ୍ରେମ ଭକ୍ତିର ସାଧକ। ତାଙ୍କ ଶ୍ରେଷ୍ଠ ରଚନା ଯାହା ସର୍ବ ପ୍ରଥମେ ସଂସ୍କୃତ ଭାଷାରେ ଲେଖା ହୋଇଥିଲା ତାହା ହେଉଛି 'ଜଗନ୍ନାଥ ବଲ୍ଲଭ' ଓ 'ଦଣ୍ଡାତ୍ମକ ଲୀଳା', 'ପଦ କଳ୍ପତରୁ', 'ମହ୍ମ ନିରୂପଣ' ପ୍ରମୁଖ। ଯେଉଁଥିରେ ପୂଜା ଉପାସନା ଓ ରାଧାକୃଷ୍ଣ ଲୀଳା ଉଲ୍ଲେଖ ରହିଛି।

ଭକ୍ତକବି ମାର୍କଣ୍ଡ ଦାସ ହେଉଛନ୍ତି ଓଡ଼ିଶାରେ ଏପରି ଜଣେ ପ୍ରାତଃ ସ୍ମରଣୀୟ କବି ଯିଏ କି ଏକାନ୍ତ ନୀରବରେ ଅନେକ ଭକ୍ତିର ଅଧିକାରୀ ଓ ତାଙ୍କ ଲେଖନୀ ଚଳଚଞ୍ଚଳ ହୋଇଥିଲେ ମଧ୍ୟ ତାଙ୍କ ସମ୍ପର୍କରେ ଅନେକ ଅନାଲୋଚିତ ତଥ୍ୟ ସବୁ ରହିଛି। 'କେଶବ କୋଇଲି' ଓଡ଼ିଆ ଶିଶୁର ନିତିଶୁଣା ଗାନ। ଓଡ଼ିଆ ବାଳକର ଅଭ୍ୟସ୍ତ ପଦ୍ୟ ଓ ଓଡ଼ିଆ ମାଆର ଅତ୍ୟନ୍ତ ପରିଚିତ ଗୀତିକା। ଚଉତିଶା ରୀତିରେ କୋଇଲିକୁ ସମ୍ବୋଧନ କରି ରଚିତ ଏହି ଗୀତିକାଟିର ଗାୟିକା ଯଶୋଦା ଆଜି ଏକ ନୁହେଁ, କୋଟି କୋଟି। ବାତ୍ସଲ୍ୟରସ ଏହି କବିତାର ମୁଖ୍ୟ ଆବେଦନ ହେଲେ ମଧ୍ୟ କରୁଣତା ଓ ଭକ୍ତି ଏହାର ମାର୍ମିକ ଆଭିମୁଖ୍ୟ। ବାସ୍ତବରେ ମାର୍କଣ୍ଡ ଦାସଙ୍କ 'କେଶବ କୋଇଲି' ଏକ ଲଳିତ ପଦ ବିନ୍ୟାସର ସାବଲୀଳ ରଚନା।

ମାଧବୀ ଦାସୀ ହେଉଛନ୍ତି ଭକ୍ତି ମାର୍ଗର ଜଣେ ପରମ ଉପାସିକା ଯିଏ ପରବର୍ତ୍ତୀ ସମୟରେ ଶ୍ରୀଚୈତନ୍ୟଙ୍କ ସଂସ୍ପର୍ଶରେ ଆସିବା ପରେ ମହାପ୍ରଭୁଙ୍କ କୃପାପ୍ରାପ୍ତ ହୋଇଥିଲେ। ଷୋଡ଼ଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ପୁରୀ ଜିଲ୍ଲା ଅନ୍ତର୍ଗତ ବ୍ରହ୍ମଗିରି ଶାସନର ବେଣ୍ଟପୁର ଗ୍ରାମରେ ତାଙ୍କର ଜନ୍ମ। 'ଚୈତନ୍ୟ ଚରିତାମୃତ'ରେ ଉଲ୍ଲେଖ ଅଛି - 'ପ୍ରଭୁ ଲେଖା କରେ ଯାରେ ରାଧିକା ରମଣ, ଜଗତେର ମଧ୍ୟେ ପାତ୍ର ସାଢ଼େ ତିନିଜଣ। ସ୍ୱରୂପ ଗୋସାଇଁ ଆର ରାୟ ରାମାନନ୍ଦ ଶିଖି ମହାନ୍ତି ତିନି ତାର ଭାଗିନୀ ଅର୍ଦ୍ଧେକ।' ବୈଷ୍ଣବକବି ଦାଶରଥି ଦାସ ହେଉଛନ୍ତି ଖ୍ରୀ: ୧୫୧୦ସମୟର। ତାଙ୍କ ଶ୍ରେଷ୍ଠ ରଚନା ହେଉଛି 'ବ୍ରଜବିହାର'। ସେ ଶ୍ରୀଚୈତନ୍ୟ କର୍ତ୍ତୃକ ପ୍ରଚାରିତ ପ୍ରେମଭକ୍ତି ମାର୍ଗୀ ବୈଷ୍ଣବ ଧର୍ମ ଧାରଣାକୁ ଓଡ଼ିଶା ମାଟିରେ ପ୍ରଚାର ପ୍ରସାର କରିଥିଲେ।

ସନ୍ଥକବି ମହାଦେବ ଦାସ ସମ୍ପର୍କରେ ତାଙ୍କ ପୁରାଣରେ ଖୋଦ ସେ ନିଜେ ଲେଖିଛନ୍ତି 'ଯେଉଁ ଦିନୁ ସୃଷ୍ଟି ଭିଆଇଲେ ଦୟାନିଧି, ଆପଣାର ଅଙ୍ଗରୁ ସେ ସୃଜି ଚାରି ଜାତି, ଶ୍ରୀମୁଖରୁ ବ୍ରାହ୍ମଣ ଯେ ଶ୍ରୀଭୁଜରୁ କ୍ଷତ୍ରୀ। ସୃଜିଲେ ସେ ନାଭି କମଳରୁ ବୈଶ୍ୟ ଜାତି, ଶ୍ରୀପାଦ ପଦ୍ମରୁ ଶୂଦ୍ର ସୃଜିଲେ ଶ୍ରୀପତି। ପାଦପଦ୍ମ ଯହୁଁ ଶୂଦ୍ର ହୋଇଲାକ ଜାତ, ପାଦପଦ୍ମ ମହିମା ସେ ଜାଣିଲେ କିଞ୍ଚିତ। ସେ ଶୂଦ୍ର କୁଳେ ଲକ୍ଷଣ ଦାସ ଉତପତ୍ତି, ମହାଦେବ





ଦାସ ମୁଁ ଯେ ତାହାଙ୍କ ସନ୍ତତି ।'

ମହାପ୍ରଭୁଙ୍କ ଲୀଳା ରଚନାରେ ଓଡ଼ିଶାରେ ଅନେକ କାଳଜୟୀ ଭକ୍ତକବିଙ୍କ ରଚନା ଭକ୍ତିବାଦ, ଭକ୍ତ ପରମ୍ପରାର ଏକ ବରିଷ୍ଠ ଧାରା । ପୁରୁଷୋତ୍ତମ କ୍ଷେତ୍ର, ଦାରୁ ଦେବତା, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହିମା ବର୍ଣ୍ଣନା ବିଭିନ୍ନ ସୃଷ୍ଟି ସମ୍ଭାରରେ ଉଲ୍ଲେଖିତ ହୋଇଛି । ଓଡ଼ିଶାରେ ଅନେକ ଭକ୍ତକବି ଭକ୍ତିବାଦର ପ୍ରସାର ସହିତ ଯେଉଁ ଅନବଦ୍ୟ ସାହିତ୍ୟ ସୃଷ୍ଟି କରିଯାଇଛନ୍ତି ତାହା ଓଡ଼ିଶାର ସାହିତ୍ୟର ଓ ଭାଷାକୁ ଯେ କିପରି ବଳିଷ୍ଠ ତଥା ଉନ୍ନତ କରିଛି ତାହା ଯେକେହି ଅନୁମାନ କରିପାରିବ । ଓଡ଼ିଶାର ଭକ୍ତକବିମାନେ ଭଜନ, ଜଣାଣ, ଚଉତିଶା ଆଧାରରେ ସବୁ ଉଲ୍ଲେଖ କରିଛନ୍ତି । ବିଶେଷକରି ଷୋଡ଼ଶ ଶତାବ୍ଦୀ ସମୟରେ ଶ୍ରୀଜଗନ୍ନାଥ ଭକ୍ତି ଚେତନାକୁ ଅନେକ ସୃଷ୍ଟି କରିଥିବା ପ୍ରମୁଖ କବିମାନେ ହେଉଛନ୍ତି 'ସାଲବେଗ', 'କବିସୂର୍ଯ୍ୟ ବଳଦେବ', 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ', 'କବି ବନମାଳୀ', 'କବି ଦୀନକୃଷ୍ଣ', 'କବି ଅଭିମନ୍ୟୁ', 'କବି ଗୋପାଳକୃଷ୍ଣ' ପ୍ରମୁଖ । ମହାପ୍ରଭୁଙ୍କ ଲୀଳା ରଚନାରେ ଏହି କବିମାନଙ୍କ କାଳଜୟୀ ସୃଷ୍ଟି ଅନନ୍ତ କାଳ ପର୍ଯ୍ୟନ୍ତ ଭକ୍ତି ରସର ପ୍ଲାବନରେ ସମସ୍ତଙ୍କୁ ପ୍ଲାବିତ କରିବ ।

**ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,**
**ଦୂରଭାଷ : ୯୪୩୭୨୫୭୧୨୩**

# ମନକୁ ଆସିଲା ଯାହା ୭୨ ଜୀବନ ମନସ୍କ...ଶିକ୍ଷା



**ସୌମ୍ୟଶ୍ରୀ ପାଣିଗ୍ରାହୀ**

ଆଜିର କଥା ଆରମ୍ଭ କରିବା ଏକ ମଜାଦାର କାହାଣୀରୁ । ବିଶ୍ୱବିଦ୍ୟାଳୟର ପ୍ରଫେସରମାନଙ୍କୁ ଏକ ସ୍ୱତନ୍ତ୍ର ବିମାନର ଉଦଘାଟନ ଓ ପ୍ରଥମ ଉଡ଼ାଣ ପାଇଁ ଆମନ୍ତ୍ରଣ କରାଗଲା । ଯେତେବେଳେ ସମସ୍ତେ ନିଜ ନିଜ ସିଟରେ ବସିସାରିଲେ, ସିଟବେଲ୍ଟ ବନ୍ଧା ସରିଗଲା, ବିମାନର ଦ୍ୱାର ବନ୍ଦ ହେଲା ଏବଂ ଘୋଷଣା ହେଲା ଯେ,'ବର୍ତ୍ତମାନ ବିମାନଟି ଉଡିବା ପାଇଁ ସଂପୂର୍ଣ୍ଣ ପ୍ରସ୍ତୁତ ।' ଏତିକି ବେଳେ ଆହୁରି ମଧ୍ୟ ଏକ ଘୋଷଣା ହେଲା ଯେ, ସେହି ବିମାନଟି ସେହି ବିଶ୍ୱବିଦ୍ୟାଳୟର ଛାତ୍ରମାନେ ହିଁ ତିଆରି କରିଛନ୍ତି । ଏଥର ଚିତ୍ର ବଦଳିଗଲା । ପ୍ରଫେସରମାନେ ଛାଟିପିଟି ହୋଇ ପ୍ରାଣବିକଳରେ ବିମାନର ଦ୍ୱାର ଆଡକୁ ଦୌଡିଲେ । ଏହାର ସରଳ ଅର୍ଥ ଯେ, ସେମାନଙ୍କୁ ନିଜ ଛାତ୍ରମାନଙ୍କ ଉପରେ ଭରସା ନଥିଲା । ହଠାତ୍ ଦେଖାଗଲା, ଜଣେ ପ୍ରଫେସର ଆଦୌ ନଡରି ଅବିଚଳିତ ଭାବେ ନିଜ ସିଟରେ ବସି ରହିଛନ୍ତି । ଯେତେବେଳେ ଅନ୍ୟମାନେ ତାଙ୍କୁ ନଡରିବାର କାରଣ ପଚାରିଲେ, ସେ ଉତ୍ତର ଦେଲେ, 'ଯଦି ପ୍ରକୃତରେ ଆମର ଛାତ୍ରମାନେ ଏହାକୁ ତିଆରି କରିଛନ୍ତି, ତେବେ ମୁଁ ଦୃଢନିଶ୍ଚିତ ଯେ ଏହି ବିମାନ ଆଦୌ ଉଡିବ ନାହିଁ । ଉଡିବା ତ ଦୂରର କଥା, ଏହା ଷ୍ଟାର୍ଟ ମଧ୍ୟ ହେବ ନାହିଁ । ଏଥର ବୁଝିଲେ ତ' ଗୁରୁଙ୍କର ଛାତ୍ରଙ୍କ ଉପରେ ଏବଂ ନିଜ ଶିକ୍ଷାଦାନ ଉପରେ କି ଅଗାଧ ବିଶ୍ୱାସ... !

ମାତ୍ର ଛତିଶଗଡର ବିଳାସପୁର ନିକଟସ୍ଥ ଗୁରୁ ଘାସିଦାସ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ଡ. ଆଲୋକ ଚକ୍ରଓ୍ୱାଲଙ୍କ କଥା ଅଲଗା । ସେ ନିଜ ଛାତ୍ରମାନଙ୍କୁ ଯେମିତି ନିଜର ଭାବି ଶିକ୍ଷାଦାନ କରନ୍ତି, ଠିକ ସେମିତି ଗର୍ବର ସହ ନିଜ ଛାତ୍ର ଅର୍ପିତ ଚୌହାନଙ୍କ ଦ୍ୱାରା ନିର୍ମିତ ଅର୍କୀ ନାମକ ବୈଦ୍ୟୁତିକ ସ୍କୁଟର ଧରି ରାସ୍ତାରେ ଚାଲନ୍ତି । ନିଜ ପିଲାଙ୍କ ଉପରେ ତାଙ୍କର ଏତେ ବିଶ୍ୱାସ ଯେ, ସେ ସେମାନଙ୍କୁ ନିଜ ପରିବାର ବୋଲି ଭାବନ୍ତି । ସେଇଥିପାଇଁ ତ' ସେ କୁହନ୍ତି, ପ୍ରତିଟି ପିଲା ଖାଲି ପାଠ ପଢିଲେ ହେବ ନାହିଁ । ପାଠପଢା ସାଙ୍ଗରେ ରୋଜଗାର ବି କରିବା ଦରକାର । ନିଜ ପଢାଖର୍ଚ୍ଚ ନିଜେ ତୁଲେଇବା ସାଙ୍ଗକୁ ଯଦି ଘରକୁ ମଧ୍ୟ କିଛି ଆର୍ଥିକ ସାହାଯ୍ୟ କରିପାରିଲା, ତେବେ ସିନା ଶିକ୍ଷାର ସାର୍ଥକତା । ଖାଲି ପାଠପଢାରେ ସୀମିତ ନରହି ଯଦି ଜୀବନକୁ ବଞ୍ଚିବାର ଶକ୍ତି ଓ ସାମର୍ଥ୍ୟ ରୋଜଗାର କରିନପାରିଲା, ତେବେ ଶିକ୍ଷାର ଉଦ୍ଦେଶ୍ୟ ସାଧିତ ହେଲା କି ? ତାଙ୍କ ମତରେ ଶିକ୍ଷାର ଲକ୍ଷ୍ୟ କେବଳ ଜ୍ଞାନ ଆହରଣ ନୁହେଁ ବରଂ ଜୀବନକୁ ନିଜବାଗରେ ଉପଭୋଗ କରିବା ସହ ସ୍ୱାବଲମ୍ବୀ ବନିବା । ଏହା ହିଁ ଶିକ୍ଷାର ପ୍ରକୃତ ମନ୍ତ୍ର ହେବା ଦରକାର ।

ସେଇଥିପାଇଁ ତ' ୨୦୨୨ରୁ ନିଜ ବିଶ୍ୱବିଦ୍ୟାଳୟରେ ଆରମ୍ଭ କରିଛନ୍ତି କେତେକ ନବାଚାର ଏବଂ ଅଜବ ଯୋଜନା ମାନ । ଯେତେବେଳେ ଦେଶର ଅନ୍ୟ ବିଶ୍ୱବିଦ୍ୟାଳୟ ମାନେ ଉଦ୍ୟମିତା ସୃଷ୍ଟି ଉପରେ ଗୁରୁତ୍ୱ ଦେଉଛନ୍ତି, ଏଠି ଉଦ୍ୟମିତା ସହ ସ୍ୱାବଲମ୍ବନ ଦ୍ୱାରା ଅର୍ଥ ଉପାର୍ଜନକୁ ହିଁ ଗୁରୁତ୍ୱ ଦିଆଯାଉଛି । ପ୍ରାୟ ୩୬ଟି ବିଭାଗରେ ଏଠି ପାଠ ପଢୁଛନ୍ତି ମାତ୍ର ୧୨୫୦୦ ଛାତ୍ର, ଯାହା ହୁଏତ ଅନ୍ୟ ଅନେକ ବିଶ୍ୱବିଦ୍ୟାଳୟଠାରୁ ପରିସଂଖ୍ୟାନରେ ନଗଣ୍ୟ ହୋଇପାରେ, ମାତ୍ର ନବାଚାର ଓ ଷ୍ଟାର୍ଟଅପ କ୍ଷେତ୍ରରେ ଏ ବିଶ୍ୱବିଦ୍ୟାଳୟ ଢେର ଆଗରେ । ବର୍ତ୍ତମାନ ୫୬ଟି ଷ୍ଟାର୍ଟଅପ ପରିଚାଳିତ ହେଉଛି ଏଠାରେ ପଢୁଥିବା (ପୂର୍ବଛାତ୍ର ବା ଆଲୁମ୍ନି ନୁହେଁ) ଛାତ୍ରମାନଙ୍କ ଦ୍ୱାରା । କ୍ଷୁଦ୍ର ହେଲେ ବି, ସମୁଦାୟ ୧୫୩ଟି ପ୍ୟାଟେଣ୍ଟର ଅଧିକାରୀ ଏ ବିଶ୍ୱବିଦ୍ୟାଳୟ । ଖାଲି ସେତିକି ନୁହେଁ, ୨୦୦୦ ଛାତ୍ର ନିଜ ପାଠପଢା ସହ ନିଜ ଆୟ (ଛାତ୍ରବୃତ୍ତି ନୁହେଁ) ମାଧ୍ୟମରେ ପରିବାର ବି ଚଳାଉଛନ୍ତି । କୁଳପତି ଡ. ଚକ୍ରଓ୍ୱାଲଙ୍କ ଦ୍ୱାରା କରୋନା ପରେ ଆରମ୍ଭ ହୋଇଥିବା 'ସ୍ୱାବଲମ୍ବୀ ଛତିଶଗଡ଼' ଯୋଜନା ଦ୍ୱାରା ଏପରି ସକରାତ୍ମକ ପରିବର୍ତ୍ତନ ସମ୍ଭବ ହୋଇପାରିଛି । ଏଠି ଚାଲିଛି ନାନାଦି ବିଚିତ୍ର ଯୋଜନାମାନ ।

ବିଶ୍ୱବିଦ୍ୟାଳୟର କୌଣସି କାର୍ଯ୍ୟକ୍ରମରେ ଆଗରୁ ଟେଣ୍ଡର ଡକାଯାଇ ବାହାର ବ୍ୟକ୍ତିମାନଙ୍କୁ ଠିକାରେ କାମ ଦିଆଯାଉଥିଲା । ମାତ୍ର ଏବେ ସବୁକାର୍ଯ୍ୟ ସେହି ବିଶ୍ୱବିଦ୍ୟାଳୟର ପିଲାମାନଙ୍କୁ ହିଁ ବାଣ୍ଟିଦିଆଯାଉଅଛି । ସମାନ ବଜେଟରେ ସେମାନଙ୍କୁ ମଧ୍ୟ ଅର୍ଥରାଶୀ ପ୍ରଦାନ କରାଯାଉଛି, ଯେପରି କୌଣସି କାର୍ଯ୍ୟକ୍ରମର କ୍ୟାଟେରିଂ, ଫଟୋଗ୍ରାଫି, ଭିଡିଓ ଏବଂ ସାମାଜିକ ଗଣମାଧ୍ୟମ ଆଦି । ପୁଣି 'ସୁଦାମା ଯୋଜନା'ରେ ଗରୀବ ଜୁନିୟର ଛାତ୍ର ମାନଙ୍କର ପଢାଖର୍ଚ୍ଚ, ରୋଜଗାର କରୁଥିବା ସିନିୟର ଛାତ୍ରମାନେ ହିଁ ଜମା କରିଦିଅନ୍ତି । 'ସ୍ୱାବଲମ୍ବୀ ହାଟ' ଯୋଜନାରେ ଏଇଠି ପଢୁଥିବା ୬ ଜଣ ଛାତ୍ର ମିଶି ଏକ ବେକରୀ ଖୋଲିଛନ୍ତି । କେକ ଓ ବିସ୍କୁଟ ଆଦି ନିଜେ ତିଆରି କରି ବିକ୍ରୀ କରୁଛନ୍ତି । "ସ୍ୱାଭିମାନୀ ଥାଳୀ" ଯୋଜନାରେ ବିଶ୍ୱବିଦ୍ୟାଳୟର ଏନ୍ଏସ୍ଏସ୍ (ଜାତୀୟ ସେବା ଯୋଜନା) ଦ୍ୱାରା ପ୍ରତିଦିନ ମାତ୍ର ୧୦ ଟଙ୍କାରେ ପେଟପୁରା ଭୋଜନ ଦିଆଯାଉଛି ୨୦୦୦ ଛାତ୍ରଙ୍କୁ । ପୁଣି 'ସାରଥି ଯୋଜନା'ରେ ବିଶ୍ୱବିଦ୍ୟାଳୟ କିଣିଛି ୪ଟି ଇ-ରିକ୍ସା, ଯାହାକୁ ୭୫ ଜଣ ଛାତ୍ର ନିଜ ଖାଲି ସମୟରେ (କ୍ଲାସ ନଥିବା ସମୟରେ) ଯାତ୍ରୀ ପରିବହନ କରି ରୋଜଗାର କରିପାରୁଛନ୍ତି ।

ଏହି ବିଶ୍ୱବିଦ୍ୟାଳୟର ଛାତ୍ର ଅର୍ପିତ 'ଅର୍କି' ନାମରେ ଇ-ବାଇକ ନିର୍ମାଣ କରି ପ୍ୟାଟେଣ୍ଟ ହାସଲ କରି ସାରିଛନ୍ତି । 'ଜଂଗଲ ତକ ମଲ୍ଟିଭେଞ୍ଚର ଲିମିଟେଡ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରୋଶନ ଖମାରୀ ଡିଜିଟାଲ ଟେକ୍ନୋଲୋଜି ମାଧ୍ୟମରେ ପରିବେଶର ସୁରକ୍ଷା କରୁଛନ୍ତି । ଏହି ବିଶ୍ୱବିଦ୍ୟାଳୟର ଛାତ୍ର ଦମ୍ପତ୍ତି ପାୟଲ ଓ ବିରେନ୍ଦ୍ର ବାତ୍ରା ଆରମ୍ଭ କରିଛନ୍ତି 'ପ୍ଲଗଟ୍ରେଲ ପାଓ୍ୱାର', ଯାହା ସାରା ରାଜ୍ୟରେ ବୈଦ୍ୟୁତିକ ଯାନର ଚାର୍ଜିଙ୍ଗ ଷ୍ଟେସନର ସୁଦୃଢ଼ ନେଟଓ୍ୱର୍କ ତିଆରି କରିଚାଲିଛି । ଠିକ ସେମିତି ଛାତ୍ର ଅଥର୍ବ ଅଙ୍ଗୀରସ ଦୁବେ ଆରମ୍ଭ କରିଛନ୍ତି 'ଅଙ୍ଗିରସ ଟର୍ବାନ' ଯାହା ବାଇକ ଚାଳକ ମାନଙ୍କପାଇଁ ସୁରକ୍ଷା ଉପକରଣ ତିଆରି କରୁଛି । ଏଠି ମୁଁ ଯଦି ସବୁଗୁଡିକ ଷ୍ଟାର୍ଟଅପ ବିଷୟରେ ଲେଖି ବସିବି ବିରାଟ ପୋଥି ହେଇଯିବ ।

ମୋ କହିବା କଥା, ଆମ ଦେଶରେ ଏମିତି ଅନେକ ବିଶ୍ୱବିଦ୍ୟାଳୟ ଅଛି, ଯେଉଁଠି ଖାଲି ପାଠପଢା ନୁହେଁ ବରଂ ଜୀବନ ଜିଇଁବାର କଳା ଶିକ୍ଷା ଦିଆଯାଉଛି । ଲଦାଖ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସାକେତ କୁଶଓ୍ୱାହା (ସେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ମୋର ମଧ୍ୟ ଗୁରୁ ଥିଲେ)ଙ୍କ ମତରେ ସମଗ୍ର ଲଦାଖ ଭୁଖଣ୍ଡ ହେଉଛି ଭୂତତ୍ତ୍ୱ ବା ଜିଓଲୋଜୀର ଏକ ଜୀବନ୍ତ ପ୍ରୟୋଗଶାଳା, ଯେଉଁଠି ପ୍ରତି ୨୦୦ ମିଟର ଅନ୍ତରରେ ଭୂତାତ୍ତ୍ୱିକ ପରିବର୍ତ୍ତନ ସ୍ପଷ୍ଟଭାବେ ଲକ୍ଷ୍ୟ କରିହୁଏ । ଏଣୁ ସେଠି ପାରମ୍ପରିକ ଶ୍ରେଣୀଗୃହ ଶିକ୍ଷାଦାନ ଅପେକ୍ଷା ପ୍ରାକୃତିକ ପରିବେଶ ଓ ଭୂସଂରଚନାରେ ପାଠପଢାକୁ ବେଶୀ ଗୁରୁତ୍ୱ ଦିଆଯାଏ । ମାଛ ଧରିବା, ଗଛଚଢିବା, ରାତିର ଆକାଶରେ ତାରାମାନଙ୍କୁ ଦେଖିବା, ଏସବୁପାଇଁ ବିସ୍ତୀର୍ଣ୍ଣ ସୁଯୋଗ ରହିଛି ଲଦାଖରେ । ଏଣୁ ପାଠପଢାରେ ସେଗୁଡିକୁ ସାମିଲ କରିନେଲେ ଅସୁବିଧା କଣ ?

ଆମ ଭୁବନେଶ୍ୱରର 'କିସ' ନାମକ ବିଦ୍ୟାଳୟରେ (ଯାହା କିଟ୍ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ) ୩୦୦୦୦ରୁ ଊର୍ଦ୍ଧ୍ୱ ଜନଜାତୀୟ ପିଲାଙ୍କୁ ପ୍ରାରମ୍ଭିକରୁ ନେଇ ଉଚ୍ଚତର ବୈଷୟିକ ଶିକ୍ଷା ମାଗଣାରେ ଦିଆଯାଉଛି । ମଣିପୁରର ଲୋକଟକ ହ୍ରଦ ମଝିରେ ଭାସମାନ ଅବସ୍ଥାରେ ଅଛି ଏକ ସ୍କୁଲ । କାଇବୁଲ ଲାମଜାଓ ଜାତୀୟ ଉଦ୍ୟାନ ଭିତରର ଅଂଶବିଶେଷ, ଏହି ସ୍କୁଲର ପିଲାମାନେ ପ୍ରକୃତି ସହ ହସଖୁସିରେ ଖେଳିବୁଲି ଶିକ୍ଷା ଲାଭ କରୁଛନ୍ତି । ଠିକ ସେମିତି ଉତ୍ତରାଖଣ୍ଡର ଚିରାଗ ସ୍କୁଲ, ଯେଉଁଠି କେବଳ ବହିକୁ ଛାଡି ଅନ୍ୟ ସବୁ ମାଧ୍ୟମରେ ଶିକ୍ଷା ଦିଆଯାଏ । ପିଲାମାନେ ଆଖପାଖର ଗାଁ ଲୋକମାନଙ୍କ ଠାରୁ ଶିଖନ୍ତି ଜିବନକୁ ମନଭରି ଜିଇଁବାର କଳା ଓ କୌଶଳ । ବିହାରର 'ପ୍ଲାଟଫର୍ମ ସ୍କୁଲ' ହେଉକି ତାମିଲନାଡୁର 'ୟେଲୋ ଟ୍ରେନ' ସ୍କୁଲ ହେଉ, ସବୁଠି ପାଠପଢାର ମୂଳମନ୍ତ୍ର ସୃଜନଶୀଳତା ଓ କଳ୍ପନା ଦ୍ୱାରା ଶିଶୁର ସର୍ବାଙ୍ଗୀନ ବିକାଶ । ଆଜିକାଲି ତ ଅନେକ ସ୍କୁଲରେ ସ୍ମାର୍ଟକ୍ଲାସରୁମ ଓ ଡିଜିଟାଲ ମାଧ୍ୟମରେ ଅନଲାଇନରେ ବି ଶିକ୍ଷାଦାନର ବ୍ୟବସ୍ଥା ହେଲାଣି । ସମସ୍ତଙ୍କର କିନ୍ତୁ ଗୋଟିଏ ଲକ୍ଷ୍ୟ, ପିଲାମାନଙ୍କୁ ଜୀବନମନସ୍କ କରେଇବା । ସେମାନଙ୍କୁ ଜୀବନ ଯୁଦ୍ଧରେ ଲଢେଇ କରି ବଞ୍ଚିବା ଶିଖେଇବା ।


ଏପଟେ ଆମେ ଶିକ୍ଷା ଓ ଶିକ୍ଷକ ମାନଙ୍କ କଥା କହିଲା ବେଳକୁ ସେପଟେ ଏକ ଲୋକପ୍ରିୟ ଟିଭି ଚ୍ୟାନେଲର ଉଦଘୋଷିକା ଅଞ୍ଜନା ଓମ୍ କଶ୍ୟପ ଶିକ୍ଷକମାନଙ୍କ ପ୍ରତି ଅଭଦ୍ର ଟିପ୍ପଣୀ କଲେଣି, ପୁଣି ୟୁଟ୍ୟୁବର ଲୋକପ୍ରିୟ ଶିକ୍ଷକ ମାନେ ସମ୍ମିଳିତ ପ୍ରତିବାଦ କଲେଣି । ଏସବୁ ଭିତରେ ପୁଣି ପାଟନାର ଏକ କୋଚିଂ ସଂସ୍ଥା ଉପରେ ରାତିର ଅନ୍ଧାରରେ ବୋମାମାଡ ବି' ହେଲାଣି । କେହି କେହି ଏହାକୁ ରୋସନ ଆନନ୍ଦଙ୍କ ଜ୍ଞାନବିନ୍ଦୁ ଓ ଖାନସାରଙ୍କ ମଧ୍ୟରେ ବର୍ଚସ୍ୱର ଲଢେଇ କହିଲା ବେଳେ ଆଉ କେହି ସରକାରଙ୍କ ଆଡକୁ ଆଙ୍ଗୁଳି ଉଠେଇଲାଣି । ଅନ୍ୟୁନ ୧୦ ଜଣଙ୍କୁ ଆରେଷ୍ଟ ବି କରାସରିଛି । ଅସଲ କଥା ହେଉଛି, ବିବାଦ ଯାହାପାଇଁ ବି ହେଉ ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହେଉ । ଗୁରୁ ସର୍ବଦା ପୂଜନୀୟ ହୋଇରହିଥାନ୍ତୁ । ଶିକ୍ଷା ସବୁବେଳେ ଜୀବନର ଜୟଗାନ କରୁଥାଉ । ଶିକ୍ଷକ ମାନେ ଯଦି ନ'ଥାନ୍ତେ, ତେବେ ପିଲାମାନଙ୍କୁ ବଂଚିବାର କଳା ଓ କୌଶଳ କିଏ ଶିଖେଇବ, ଜୀବନ ମନସ୍କ କିଏ କରେଇବ.. ? ? ନାଁ କଣ କହୁଛନ୍ତି..!!

**ଛାଇ, ଜଗନ୍ନାଥ ବିହାର**
**ଭଦ୍ରକ, ମୋ-୭୦୦୮୬୦୧୧୬୧**

ଫ୍ୟାସନ୍

# ସମର୍ ଫୁଟୱେ୍ୱର

**ଗ୍ରୀଷ୍ମ ଋତୁରେ ହାଲୁକା ଏବଂ ଆରାମଦାୟକ ଜୋତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ସୂର୍ଯ୍ୟ କିରଣ, ଝାଳ ଏବଂ ଆର୍ଦ୍ର ପାଗ ଯୋଗୁଁ ପାଦକୁ ଶୀଘ୍ର ଥକ୍କା କରେ। ଏହି ଜୋତା ଖରାଦିନେ ପାଦକୁ ଝାଳ, ଦୁର୍ଗନ୍ଧ ଏବଂ ଉତ୍ତାପରୁ ରକ୍ଷା କରିଥାଏ। ସଠିକ୍ ଜୋତା କେବଳ ଆରାମ ପ୍ରଦାନ କରେ ନାହିଁ ବରଂ ଷ୍ଟାଇଲରେ ମଧ୍ୟ ଉନ୍ନତି ଆଣେ। ଏଥିରେ ଖରାଦିନିଆ ପୋଷାକ ସହିତ କିଛି ଟ୍ରେଣ୍ଡି ଫୁଟୱେ୍ୱରକୁ ସାମିଲ କରନ୍ତୁ।**





### ଷ୍ଟ୍ରାପି ସାଣ୍ଡେଲ

ଷ୍ଟ୍ରାପି ସାଣ୍ଡେଲ ଗ୍ରୀଷ୍ମ ପାଇଁ ଉପଯୁକ୍ତ। ଖରା ଦିନେ ପତଳା ଷ୍ଟ୍ରାପ୍ ଥିବା ସାଣ୍ଡେଲ ପାଦକୁ ଭେଣ୍ଟିଲେଟ୍ ରଖେ ଏବଂ ଝାଳ କମ କରିବା ସହ ଏକ କ୍ଲାସି ଲୁକ୍ ଦେଇଥାଏ। ଏହି ଋତୁରେ ଯୁବତୀମାନଙ୍କ ପାଇଁ ଷ୍ଟ୍ରାପି ଚପଲ ଏବଂ ପୁରୁଷମାନଙ୍କ ପାଇଁ ଚମଡ଼ା ଫ୍ଲୋଟର ଟ୍ରେଣ୍ଡରେ ଅଛି। ଏହାକୁ ଆପଣ ଜିନ୍ସ, କୁର୍ତ୍ତି, ସର୍ଟସ୍ କିମ୍ବା କାଜୁଆଲ୍ ପୋଷାକ ସହିତ ପିନ୍ଧିପାରିବେ। ଏହି ଚପଲ ପାଦକୁ ଆରାମ ସହିତ ଷ୍ଟାଇଲିସ୍ ହୋଇଥାଏ।

### ସ୍ଲାଇର୍ଡ଼ସ୍

ସ୍ଲାଇର୍ଡ଼ସ୍ ଜୋତା ଆରାମ ଏବଂ ଟ୍ରେଣ୍ଡି ଲୁକ୍ ଦେଇଥାଏ। ଆଜିକାଲି ସ୍ଲାଇଡ଼୍‌ର ଯୁବକମାନଙ୍କର ପ୍ରଥମ ପସନ୍ଦ ପାଲଟିଛି। ଏଗୁଡ଼ିକ ପିନ୍ଧିଲେ ପାଦକୁ ଆରାମ ପ୍ରଦାନ କରିବା ସହ ବହୁତ ହାଲୁକା ଲାଗେ। ବିଶେଷକରି ଘର ବାହାରେ ସ୍ୱଳ୍ପ ଦୂରତା ପାଇଁ ସ୍ଲାଇଡ଼୍‌ର ଗୁଡ଼ିକ ଯଥେଷ୍ଟ ସୁବିଧାଜନକ ବିବେଚନା କରାଯାଏ। ବର୍ତ୍ତମାନ ବଜାରରେ ଅନେକ ଡିଜାଇନ୍‌ର ଉପଲବ୍ଧ ଯାହା ଗ୍ରୀଷ୍ମ ଫ୍ୟାସନ୍‌କୁ ଅଧିକ ଆକର୍ଷଣୀୟ କରିଥାଏ।

### ୱେ୍ୱଭେନ୍ ମ୍ୟୁଲ୍ସ

ବୁଣା ହୋଇଥିବା ଡିଜାଇନ୍‌ର ମ୍ୟୁଲ୍ସ ଏବେ ବହୁତ ପପୁଲାର। ଏହା ଦେଖିବାକୁ ଯେତିକି ସୁନ୍ଦର, ପିନ୍ଧିବାକୁ ସେତିକି ହାଲୁକା। ଏହା ଇଣ୍ଡୋ-ୱେ୍ୱଷ୍ଟର୍ଣ୍ଣ ଲୁକ୍ ପାଇଁ ଶ୍ରେଷ୍ଠ ବିକଳ୍ପ। କଲେଜ ଯାଉଥିବା ଯୁବପିଢ଼ିଙ୍କର ଏହା ବର୍ତ୍ତମାନ ପ୍ରଥମ ପସନ୍ଦ ପାଲଟିଛି।

### ପ୍ଲାଟଫର୍ମ ହିଲ୍ସ

ଯଦି ଆପଣଙ୍କୁ ଉଚ୍ଚତା ପସନ୍ଦ, ତେବେ ପେନ୍ସିଲ୍ ହିଲ୍ ବଦଳରେ ପ୍ଲାଟଫର୍ମ ହିଲ୍ ବାଛନ୍ତୁ। ଏହା ପାଦକୁ ସ୍ଥିରତା ଦିଏ ଏବଂ ଗରମ ଦିନେ ଚାଲିବାରେ କଷ୍ଟ ହୁଏ ନାହିଁ ଏହା ଦେଖିବାକୁ ମଧ୍ୟ ଷ୍ଟାଇଲିସ୍ ହୋଇଥାଏ ତେଣୁ ଲୁକକୁ ନେଇ ସମସ୍ୟା ନାହିଁ। ଏହା ସବୁବେଳେ ଟ୍ରେଣ୍ଡରେ ରହିଥାଏ।

### ସ୍ନିକର୍ସ

ଆପଣ ଦିନସାରା ବାହାରେ ରୁହନ୍ତି କିମ୍ବା ବହୁତ ଚାଲାବୁଲା କରୁଛନ୍ତି ତେବେ ହାଲୁକା ସ୍ନିକର୍ସ ସର୍ବୋତ୍ତମ ବିକଳ୍ପ ହୋଇପାରେ। ଏହି ଜୋତାଟି ସୂତା ଏବଂ ଜାଲ ମେଟ୍‌ରିୟାଲରେ ତିଆରି। ସ୍ନିକର୍ ଜୋତା ପାଦରେ ପବନ ବାଜିବା ସହ ଉତ୍ତାପକୁ ହ୍ରାସ କରେ। ପ୍ରାୟ ସମସ୍ତ ପୋଷାକ ସହିତ ମ୍ୟାଚ କରିଥାଏ। ଧଳା ସ୍ନିକର୍ସ ବର୍ତ୍ତମାନ ସବୁଠାରୁ ହଟ୍ ଟ୍ରେଣ୍ଡରେ।

ରୋଷେଇ ଘରୁ

## ଦହି ପୋଟଳ



### ଆବଶ୍ୟକ ସାମଗ୍ରୀ:

ପୋଟଳ, ଦହି, ଲୁଣ, ହଳଦି, କଳା ଲୁଣ, ଚାଟ୍ ମସଲା, କଞ୍ଚାଲଙ୍କା, ଧନିଆପତ୍ର, ଚିନି, ଶୁଖିଲା ଲଙ୍କା, ଜିରା, ହେଙ୍ଗୁ, ଶୋରିଷ, ଅଦା, ରସୁଣ, ପିଆଜ, ଭୃର୍ସୁଙ୍ଗ ପତ୍ର, କାଶ୍ମିରୀ ଚିଲ୍ଲି।

### ପ୍ରଣାଳୀ:

ଖରାଦିନେ ଘରେ ସ୍ପେସିଆଲ୍ ଦହି ପୋଟଳ ବନାନ୍ତୁ। ପ୍ରଥମେ ପୋଟଳର ଚୋପା ଛଡ଼ାଇ ଧୋଇ ମଝିରୁ କାଟି ଲୁଣ, ହଳଦୀ ପକାଇ ରଖିବେ। ଗୋଟିଏ ଗିନାରେ ଦହି, ଲୁଣ, କଳା ଲୁଣ, ଚାଟ୍ ମସଲା, ଅଳ୍ପ ଚିନି, କଞ୍ଚାଲଙ୍କାକୁ ଦେଇ ମିଶାନ୍ତୁ। ପ୍ୟାନ୍‌ରେ ତେଲ ଦେଇ କାଟି ରଖିଥିବା ପୋଟଳକୁ ଛାଣି ପ୍ଲେଟ୍‌କୁ କାଢ଼ି ନେବେ। ସେହି ପ୍ୟାନ୍‌ରେ ହେଙ୍ଗୁ, ଶୋରିଷ, ଜିରା, ଶୁଖିଲା ଲଙ୍କା, ଅଦାକୁ ଅଳ୍ପ ଭାଜନ୍ତୁ। ସେଥିରେ କାଟି ରଖିଥିବା ରସୁଣ, ପିଆଜକୁ ହାଲୁକା ବ୍ରାଉନ୍ କଲର ହେଲା ପରେ ଭୃର୍ସୁଙ୍ଗ ପତ୍ର, କାଶ୍ମିରୀ ଚିଲ୍ଲି ଦେଇ ହାଲୁକା କଷିବେ। ଏହି ମସଲାକୁ ଦହିରେ ପକାଇ ଭଲ ଭାବେ ମିଶାନ୍ତୁ। ଶେଷରେ ଅଳ୍ପ ଜିରା-ଲଙ୍କା ଗୁଣ୍ଡ ଏବଂ କଟା ଧନିଆପତ୍ର ପକାଇବେ। ଏହି ଦହି ପୋଟଳକୁ ଭାତ, ରୁଟି ସହିତ ଖାଇପାରିବେ।

## ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ, ମୋବାଇଲ୍: ୯୭୭୭୨୫୨୨୪୦

**ମେଷ** – ସପ୍ତାହଟି ଜଗିରଖି ଚଳନ୍ତୁ। ପାରିବାରିକ ସମସ୍ୟା ଓ ଆର୍ଥିକ ଅନଟନ ଦେଖାଦେଇପାରେ। ପରିସ୍ଥିତିରେ ପରିବର୍ତ୍ତନ ଆସିବ। ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ବିବାଦର ସମ୍ମୁଖୀନ ହେବେ।

**ବୃଷ** – ସପ୍ତାହଟି କର୍ମକ୍ଷେତ୍ର ଓ ବ୍ୟବସାୟରେ ଲାଭବାନ ହେବେ। କର୍ମକ୍ଷେତ୍ରରେ ସ୍ଥାନାନ୍ତରିତ ହୋଇପାରନ୍ତି। କର୍ମବନ୍ଧନ ଯୋଗ ସୃଷ୍ଟି ହେବ। ଚକ୍ଷୁଜନିତ ସମସ୍ୟା ସୃଷ୍ଟି ହୋଇପାରେ। ସମୟ ଆପଣଙ୍କ ପକ୍ଷେ ଯିବ।

**ମିଥୁନ** – ସପ୍ତାହଟି ସାବଧାନତା ସହ ଏକାନ୍ତ ରହିବା ଆବଶ୍ୟକ; ନଚେତ୍ ବିପଦର ସମ୍ମୁଖୀନ ହୋଇପାରନ୍ତି। ଥଣ୍ଡାଜନିତ ସମସ୍ୟା ଦେଖାଦେଇପାରେ। ମାନସିକ ଅବସାଦ ଦେଖାଦେବ। ବନ୍ଧୁଠାରୁ ସହଯୋଗ ପାଇବେ।

**କର୍କଟ** – ସପ୍ତାହଟିରେ ସ୍ତ୍ରୀହେତୁକ ଧନଲାଭ କରିବେ। ବିକାଶ ଘଟିବ। ଯାତ୍ରାଜନିତ ସମସ୍ୟା ଦେଖାଦେଇପାରେ। ଦୁର୍ଘଟଣାଗ୍ରସ୍ତ ହୋଇପାରନ୍ତି। ଅଯଥା ସମସ୍ୟାର ସମ୍ମୁଖୀନ ହେବେ।

**ସିଂହ** – ସପ୍ତାହଟି କୁଟନୀତି ପ୍ରୟୋଗ କରି ଶତ୍ରୁକୁ ପରାସ୍ତ କରିବେ। ଦୂରଯାତ୍ରା କରିପାରନ୍ତି। ଜମିବାଡ଼ି କିଣିବା ପାଇଁ ସୁଯୋଗ ସୃଷ୍ଟି ହୋଇପାରେ। କୃଷିକ୍ଷେତ୍ରରେ ଲାଭବାନ ହେବେ। ବିଦ୍ୟାର୍ଥୀ ଯଶ ଲାଭ କରିବେ।

**କନ୍ୟା** – ସପ୍ତାହଟି ପ୍ରେମରେ ସଫଳତା ପାଇବେ। ବିବାହ ବନ୍ଧନରେ ଆବଦ୍ଧ ହେବେ। କର୍ମକ୍ଷେତ୍ର ଓ ବ୍ୟବସାୟରେ ଲାଭବାନ ହେବେ। ପ୍ରୀତଲାଭ ବିକାଶ ଘଟିବ। ଦାମ୍ପତ୍ୟ ଜୀବନରେ ଆନନ୍ଦ ଲାଭ କରିବେ।

**ତୁଳା** – ସପ୍ତାହଟି ଶାରୀରିକ ଅସୁସ୍ଥତା ଦେଖାଦେବ। ମାଲିମକଦ୍ଦମାର ସମ୍ମୁଖୀନ ହୋଇପାରନ୍ତି। ସ୍ତ୍ରୀ ସହଯୋଗ ପ୍ରାପ୍ତ ହେବ। ଆୟ ବୃଦ୍ଧି ହେବ। ସନ୍ତାନର କୃତିତ୍ୱ ନେଇ ଗର୍ବ ଅନୁଭବ କରିବେ।

**ବିଛା** – ସପ୍ତାହଟି କର୍ମାନୁରୂପ ଫଳ ପ୍ରାପ୍ତି ହୋଇପାରେ। ସନ୍ତାନର ପାଠପଢ଼ା ନେଇ ଚିନ୍ତାପ୍ରକଟ କରିପାରନ୍ତି। ମାଲିମକଦ୍ଦମାରେ ବିଜୟ ଲାଭ କରିବେ। ଶାରୀରିକ ସୁସ୍ଥ ଅନୁଭବ କରିବେ।

**ଧନୁ** – ସପ୍ତାହଟିରେ ସମୟର ପ୍ରତିକୂଳ ପ୍ରଭାବ ପରିଲକ୍ଷିତ ହେବ। ଯାନବାହନରେ ତ୍ରୁଟି ଦେଖାଦେଇପାରେ। ସାମାନ୍ୟ କଥା ନେଇ ପାରିବାରିକ କଳହର ସମ୍ମୁଖୀନ ହୋଇପାରନ୍ତି। ଧାର୍ମିକ କାର୍ଯ୍ୟରେ ଯୋଗଦେବେ।

**ମକର** – ସପ୍ତାହଟି ଉଚ୍ଚକୋଟିର କାମ କରି ପ୍ରଶଂସିତ ହେବେ। ଜଗିରଖି ଚଳିବେ। ଶାରୀରିକ ଅସୁସ୍ଥତା ଦେଖାଦେଇପାରେ। ପିଲାମାନଙ୍କ ବ୍ୟବହାର ମନରେ କଷ୍ଟ ଦେବ। ଯାତ୍ରାଜନିତ ସଫଳତା ଲାଭ କରିବେ। ବନ୍ଧୁଙ୍କ ସହଯୋଗ ଭୋଗିବେ।

**କୁମ୍ଭ** – ସପ୍ତାହଟି ଭାବିଚିନ୍ତି କାର୍ଯ୍ୟ କରିବା ଉଚିତ୍। ବ୍ୟକ୍ତିତ୍ୱ ଦ୍ୱାରା ପ୍ରଭାବ ବିସ୍ତାର କରିବେ। ବୃତ୍ତିଗତ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିବେ। ଗୁରୁଜନଙ୍କ ଆଶୀର୍ବାଦ କାମନା କରିବେ। ଚଞ୍ଚଳ ପ୍ରକୃତି ହେତୁ କର୍ମକ୍ଷେତ୍ରରେ ତ୍ରୁଟି କରିପାରନ୍ତି।

**ମୀନ** – ସପ୍ତାହଟିରେ ଶ୍ରୀଫଳ ପ୍ରାପ୍ତ ହେବ। ହାତେ ମାପି ଚାଖଣ୍ଡେ ଚାଲିବା ଉଚିତ୍। ଅତ୍ୟଧିକ ଖର୍ଚ୍ଚାନ୍ତ ହେତୁ ବ୍ୟସ୍ତ ଓ ବିବ୍ରତ ହେବେ। ମା'ଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ଆପଣଙ୍କୁ ଅସୁବିଧାରେ ପକାଇବ। ବ୍ୟବସ୍ଥିତ କାର୍ଯ୍ୟ କରି ସଫଳତା ପାଇବେ। ଆୟ ମଧ୍ୟମ ଧରଣର ରହିବ।

■ ପ୍ରକୃତି ଓ ପର୍ଯ୍ୟଟନ

# ଜୁନାଗଡ଼

ଜୁନାଗଡ଼ ସହର ଓ ଏହାର ଆଖପାଖରେ ଅନେକ ସୁନ୍ଦର ଦର୍ଶନୀୟ ସ୍ଥାନ ରହିଛି। ଗୁଜରାତ ରାଜ୍ୟର ଏହି ସହରଟି ବିବିଧତାର ଏକ ଗନ୍ତାଘର କହିଲେ ଭୁଲ୍ ହେବ ନାହିଁ। ଧର୍ମ, ଇତିହାସ, ପ୍ରାକୃତିକ ସୌନ୍ଦର୍ଯ୍ୟ, ମନ୍ଦିର ଆଦି ଦୃଷ୍ଟିରୁ ଏହି ସ୍ଥାନଟିର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ଗିର୍‌ନାର ସୀମାରେ ଅବସ୍ଥିତ ଜୁନାଗଡ଼କୁ ପ୍ରତିବର୍ଷ ହଜାର ହଜାର ପର୍ଯ୍ୟଟକ ଭ୍ରମଣରେ ଆସିଥାନ୍ତି। ଖ୍ରୀ.ପୂ. ୩୨୦ରେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଏହି ସହର ନିକଟରେ ନିର୍ମାଣ କରିଥିଲେ ଉପରକୋଟ ଦୁର୍ଗ। ଏହା ହିଁ ଏହି ସହରର ନାମକରଣ ପଛରେ ଥିବା କାରଣ। 'ଜୁନାଗଡ଼' ଶବ୍ଦର ଅର୍ଥ 'ପୁରୁଣା କିଲା' ବା 'ପୁରୁଣା ଦୁର୍ଗ'। ଉପରକୋଟ ଭଳି ଅତି ପ୍ରାଚୀନ ଦୁର୍ଗର ଅବସ୍ଥିତି କାରଣରୁ ହିଁ ବୋଧହୁଏ ଏହି ସହରର ନାମ ଏଭଳି ହୋଇଛି। ଜୁନାଗଡ଼ ସହରର କେନ୍ଦ୍ରସ୍ଥଳରେ ରହିଛି ଏହି ବହୁ ପ୍ରାଚୀନ ଦୁର୍ଗ।



## ଆଖପାଖର ପର୍ଯ୍ୟଟନ ସ୍ଥଳ

ନବଘନ କୁଆଁ ଓ ଅତି-କଡ଼ି ବବ ଏହି ସହରର ଦୁଇ ପ୍ରାଚୀନ କୂଅ। ଏହି ଦୁଇଟି କୂଅ ନିର୍ମାଣ କରାଯାଇ ନାହିଁ ବରଂ କଠିନ ଚଟାଣକୁ କାଟିବା ଦ୍ୱାରା ଚଟାଣର କେନ୍ଦ୍ରରେ ୧୭୦ ଫୁଟ ଗଭୀର ରସାତଳୁ ପାଣି ଝରିଆସିଥିଲା। ଜୁନାଗଡ଼ ସହରର ଅନତି ଦୂରରେ ରହିଛି ଗିର୍ ଜାତୀୟ ଉଦ୍ୟାନ। ବିଲୁପ୍ତପ୍ରାୟ ଏସିଆ ମହାଦେଶୀୟ ସିଂହଙ୍କ ଲୋକପ୍ରିୟ ସଂରକ୍ଷିତ ସ୍ଥାନ ଭାବରେ ଏହାର ପ୍ରସିଦ୍ଧି ରହିଛି। ପାନିୟା ବନ୍ୟଜୀବ ଅଭୟାରଣ୍ୟ ଓ ମିତିୟାଲା ବନ୍ୟଜୀବ ଅଭୟାରଣ୍ୟ ଆଉ ଦୁଇଟି ଉଲ୍ଲେଖନୀୟ ଦର୍ଶନୀୟ ସ୍ଥାନ। ଜୁନାଗଡ଼ରେ ମଧ୍ୟ ରହିଛି ସମ୍ରାଟ ଅଶୋକଙ୍କ ଶିଳାଲେଖ ଭଳି ଐତିହାସିକ ସ୍ଥଳ ଓ ଜାମା ମସ୍‌ଜିଦ। ବୌଦ୍ଧ ଓ ଇସ୍‌ଲାମ ଧର୍ମାବଲମ୍ବୀଙ୍କ ପାଇଁ ଏହି ଦୁଇଟି ସ୍ଥାନ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରେ।



## ଇତିହାସ

ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଓ ସମ୍ରାଟ ଅଶୋକଙ୍କ ଶାସନ ସମୟରୁ ଜୁନାଗଡ଼ ସହରର ଅସ୍ତିତ୍ୱ ରହିଛି। ଏଠାରେ ଅବସ୍ଥିତ ଏକାଧିକ ଶିଳାଲେଖ ଆପଣଙ୍କୁ ସାକା ଶାସକ ମହାକ୍ଷତ୍ରପ ରୁଦ୍ରଦମନଙ୍କ ଶାସନ କାଳକୁ ନେଇଯିବ। ମହମ୍ମଦ ବାହାଦୁର ଖାନ୍‌ଜୀଙ୍କ ରାଜତ୍ୱ ସମୟରେ ଆଧୁନିକ ଜୁନାଗଡ଼ ସହରର ସ୍ଥାପନା କରାଯାଇଥିଲା। ସେ ବାବୀ ରାଜବଂଶର ମୂଳଦୁଆ ପକାଇଥିଲେ। ବ୍ରିଟିଶ୍ ସରକାର ଜୁନାଗଡ଼କୁ ଏକ ସାମନ୍ତ ରାଜ୍ୟ ଘୋଷଣା କରିବା ପର୍ଯ୍ୟନ୍ତ ସେ ଥିଲେ ଏହି ସ୍ଥାନର ଶାସକ। ବୌଦ୍ଧ ଓ ଇସ୍‌ଲାମ ଧର୍ମ ବ୍ୟତୀତ ଜୈନ ଓ ହିନ୍ଦୁ ଧର୍ମାବଲମ୍ବୀଙ୍କ ପାଇଁ ମଧ୍ୟ ଜୁନାଗଡ଼ ଆକର୍ଷଣର କେନ୍ଦ୍ରବିନ୍ଦୁ। ଯେଉଁ ସମୟରେ ଯେଉଁ ଧର୍ମର ଗୁରୁ, ପ୍ରଚାରକ ଆସିଛନ୍ତି ଏହି ସହରରେ କିଛି ନା କିଛି ପାଦଚିହ୍ନ ଛାଡ଼ି ଯାଇଛନ୍ତି। ପଥର ଚଟାଣ ଖୋଦେଇ କରି ନିର୍ମିତ ବୌଦ୍ଧ ଗୁମ୍ଫା ଏହି ସ୍ଥାନର ଅନ୍ୟତମ ଆକର୍ଷଣ। ଏହି ସବୁ ଗୁମ୍ଫା କାନ୍ଥରେ ନାନା ପ୍ରକାର ଚିତ୍ରକଳା ଅଙ୍କିତ ହୋଇଥିବା ଦେଖିବାକୁ ମିଳେ। ଅଶୋକଙ୍କ ଆଦେଶପତ୍ରର ୩୩ଟି ଶିଳାଲେଖରୁ ୧୪ଟି ଉପରକୋଟ ଓ ଏହାର ଆଖପାଖରେ ରହିଛି। ସହରର ଶୀର୍ଷରେ ରହିଛି ମାଉଣ୍ଟ୍ ଗିର୍‌ନାର। ଏହା ହିନ୍ଦୁ ଓ ଜୈନ ଧର୍ମାବଲମ୍ବୀଙ୍କ ପାଇଁ ଏକ ପବିତ୍ର ତୀର୍ଥସ୍ଥଳ। ଏହି ପାହାଡ଼ର ଶୀର୍ଷରେ ପହଞ୍ଚିବା ପାଇଁ ୯୯୯୯ ପାହାଚ ରହିଛି।

## ଗୋଣ୍ଡଲ୍

ଜୁନାଗଡ଼ ଓ ଏହାର ଆଖପାଖ ଅଞ୍ଚଳ ବୁଲି ଦେଖିବା ପରେ ଆପଣ ସମୟ ବାହାର କରି ଏଠାରୁ ୬୩ କିଲୋମିଟର ଦୂରସ୍ଥିତ ଗୋଣ୍ଡଲ୍ ଯାତ୍ରା କରିପାରିବେ। ୧୬୪୩ରେ ଠାକୁର ଶ୍ରୀ କୁମ୍ଭୋଜୀ ମେରାମଞ୍ଜିଙ୍କ ଦ୍ୱାରା ଏହି ସହର ସ୍ଥାପିତ ହୋଇଥିଲା। ପରେ ସାର୍ ଭାଗବତ ସିଂହଜୀଙ୍କ ସମୟରେ ଏହି ସହରଟି ଖ୍ୟାତିଲାଭ କରିଥିଲା। ଭାଗବତ ସିଂହଜୀ ତାଙ୍କର ପୁତ୍ର ଯୁବରାଜ ଭୋଜରାଜୀଙ୍କ ନିମନ୍ତେ ନିର୍ମାଣ କରିଥିବା ରିଭର୍ ସାଇଡ୍ ମହଲ ବର୍ତ୍ତମାନ ମଧ୍ୟ ଅକ୍ଷୁଣ୍ଣ ରହିଛି। ତେବେ ଆଜିକାଲି ଏହା ଏକ ବିଳାସପୂର୍ଣ୍ଣ ହୋଟେଲ ଭାବେ ଖ୍ୟାତିଲାଭ କରିଛି। ଗୋଣ୍ଡଲ ସହରରେ ଆପଣ ପ୍ରାଚୀନ ଉପନିବେଶୀୟ ଶୈଳୀର ଫର୍ଣ୍ଣିଚର, ଝୁମର ଏବଂ ଅନ୍ୟାନ୍ୟ ଗୃହସଜ୍ଜା ସାମଗ୍ରୀର ସମ୍ଭାର ଦେଖିବାକୁ ପାଇବେ। ୧୭ଶ ଶତାବ୍ଦୀରେ ନିର୍ମିତ ନବଲଖା ମହଲ ଆଜି ମଧ୍ୟ ପର୍ଯ୍ୟଟକଙ୍କ ନିମନ୍ତେ ଏକ ପ୍ରମୁଖ ଆକର୍ଷଣୀୟ ସ୍ଥାନ। ଏହି ମହଲ ନିର୍ମାଣରେ ନ' ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାରୁ ଏହାର ନାମକରଣ ଏଭଳି ହୋଇଛି ବୋଲି କୁହାଯାଏ। ପଥର କାନ୍ଥରେ ଅଦ୍ଭୁତ ଚିତ୍ରକଳା, ବାଲ୍‌କୋନୀର ଝରକା, ଗୋଲାକାର ସିଡ଼ି, ବର୍ତ୍ତମାନର ରାଜପରିବାର ରହୁଥିବା ହଜୁର ମହଲର ପୁରୁଣା ଫର୍ଣ୍ଣିଚର, ଚିତ୍ରକଳା ଓ ସୁନ୍ଦର ବଗିଚା ମଧ୍ୟ ଗୋଣ୍ଡଲ୍ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ସ୍ୱାମୀ ନାରାୟଣ ମନ୍ଦିର 'ଅକ୍ଷର ମନ୍ଦିର' ଏଠାକାର ଆଉ ଏକ ପ୍ରମୁଖ ଦର୍ଶନୀୟ ସ୍ଥାନ। ଏହା ମଧ୍ୟ ସ୍ୱାମୀ ନାରାୟଣ ସମ୍ପ୍ରଦାୟର ଗୁରୁ ଗୁଣାତୀତାନନ୍ଦ ସ୍ୱାମୀଙ୍କ ସମାଧିସ୍ଥଳ। ସୁରେଶ୍ୱର ମନ୍ଦିର, ଧରେଶ୍ୱର ମହାଦେବ ମନ୍ଦିର ଓ ଭୁବନେଶ୍ୱରୀ ମନ୍ଦିର ଏହି ସ୍ଥାନର ଆଉ ଗୋଟିଏ ଗୋଟିଏ ପବିତ୍ର ପୀଠ।








## କେମିତି ଯିବେ

ଜୁନାଗଡ଼ର ନିକଟତମ ବିମାନ ବନ୍ଦର ରହିଛି ରାଜକୋଟରେ। ଜୁନାଗଡ଼ ମଧ୍ୟ ଗୁଜରାତର ଅନ୍ୟ ସହରଗୁଡ଼ିକ ସହ ଉତ୍ତମ ରେଳ ଓ ସଡ଼କପଥରେ ସଂଯୁକ୍ତ। ଏଠାକୁ ଆସିବା ପରେ ଆପଣ ଟ୍ୟାକ୍ସି କିମ୍ବା ବସ୍ ଯୋଗେ ଗୋଣ୍ଡଲ୍ ଯାଇପାରିବେ।



ମନୋରଞ୍ଜନ

# ଏକ ଯନ୍ତ୍ରଣାଦାୟକ କାହାଣୀ






ଗତ ବର୍ଷ ଓସ୍କାର ଆୱାର୍ଡ ଦୌଡ଼ର ଅଂଶବିଶେଷ ଥିଲା ଏକ ମାର୍ମିକ ଫିଲ୍ମ 'ଦ ଭଏସ୍ ଅଫ୍ ହିନ୍ଦ୍ ରଜାବ୍'। ଶେଷରେ ଏହା ଆମ ଦେଶରେ ରିଲିଜ ହେବାକୁ ପ୍ରସ୍ତୁତ ହେଉଛି। ଫିଲ୍ମଟିକୁ ଗତ ବର୍ଷ ଓସ୍କାର୍‌ରେ ବେଷ୍ଟ ଇଣ୍ଟରନ୍ୟାସନାଲ୍ ଫିଚର୍ ଫିଲ୍ମ କ୍ୟାଟେଗୋରୀରେ ନୋମିନେସନ୍ ମିଳିଥିଲା। କିନ୍ତୁ ଆମ ଦେଶରେ ଫିଲ୍ମଟି ଅପେକ୍ଷା କରିଥିଲା ସିବିଏଫ୍‌ସି ସାର୍ଟିଫିକେଟ୍ ପାଇବା ପାଇଁ। ପୂର୍ବରୁ ନିର୍ମାତାମାନେ ୬ ତାରିଖରେ ଫିଲ୍ମଟିକୁ ରିଲିଜ କରେଇବାର ଯୋଜନା କରୁଥିବା ବେଳେ ଏବେ ଫିଲ୍ମଟିକୁ ମିଳିଛି ସବୁଜ ସଙ୍କେତ। ନିର୍ଦ୍ଦେଶକ କୌଥର ବେନ୍ ହାନିଆଙ୍କ ଏହି ଫିଲ୍ମଟି ଇସ୍ରାଏଲ-ଫିଲିସ୍ତାଇନ୍‌ର ସଂଘର୍ଷରେ ମୃତ୍ୟୁବରଣ କରିଥିବା ଏକ ଛଅ ବର୍ଷର ଝିଅର କାହାଣୀ ଉପରେ ଆଧାରିତ। ତା'ର ମୃତ୍ୟୁ ରାଜନୈତିକ ଓ କୂଟନୈତିକ ପ୍ରଭାବର ପରିଣାମ ଥିଲା। ତେବେ ସିବିଏଫ୍‌ସି ଭାରତ-ଇସ୍ରାଏଲ ସମ୍ପର୍କ ବିଗିଡ଼ିଯିବାର ଭୟରେ ଏହି ସାର୍ଟିଫିକେଟ୍ ଦେଉନଥିଲା। ତେବେ ହିନ୍ଦ୍ ରଜାବର ମୃତ୍ୟୁ ବିଶ୍ୱ ସ୍ତରରେ ହୋଇଥିଲା ଖୁବ୍ ଚର୍ଚ୍ଚାର ବିଷୟ। ଛଅ ବର୍ଷର ଏହି ଝିଅଟିର କାହାଣୀ ଏତେ ଭୟଙ୍କର ଓ ଭାବୁକ ହୋଇଛି ଯେ ଏଥିରେ ଇସ୍ରାଏଲ୍‌ର ନକାରାତ୍ମକ ଛବି ଦେଖିବାର ରିସ୍କ ରହିଥିଲା। କାହାଣୀରେ ଛଅ ବର୍ଷର ରଜାବ୍ ଓ ତାଙ୍କ ପରିବାରର ଛଅ ଜଣ ଲୋକଙ୍କୁ କିପରି ଆକ୍ରମଣ କରାଯାଇଥିଲା ଓ ଶେଷରେ ରଜାବ୍ ସହିତ ବାକି ସଦସ୍ୟମାନଙ୍କର କିପରି ମୃତ୍ୟୁ ହୋଇଥିଲା ତାହା ଏହି ଫିଲ୍ମରେ ଦେଖିବାକୁ ମିଳିବ।

# ହ୍ରିତିକଙ୍କ ଅର୍ଦ୍ଧନାରୀଶ୍ୱର ଅବତାର

ଫିଲ୍ମ 'ମହାବତାର ନରସିଂହ'ର ନିର୍ଦ୍ଦେଶକ ଅଶ୍ୱିନ କୁମାର, ହ୍ରିତିକ ରୋଶନଙ୍କୁ ଆଗରେ ରଖି ଭଗବାନ ଶିବଙ୍କ ଉପରେ ଆଧାରିତ ଏକ ଷ୍ଟୋରୀ ଲେଖିଛନ୍ତି। ତେବେ ହ୍ରିତିକଙ୍କ ଓ୍ୱର୍କଫ୍ରଣ୍ଟ ଦୃଷ୍ଟିରୁ ଦେଖିବାକୁ ଗଲେ 'ୱାର୍-୨' ଫ୍ଲପ୍ ହୋଇସାରିଛି ଓ 'କ୍ରିସ୍-୪' ବଡ଼ ବଜେଟ୍ କାରଣରୁ ଆରମ୍ଭ ହୋଇପାରି ନାହିଁ। କିନ୍ତୁ ଏସବୁ ଖବର ହ୍ରିତିକଙ୍କ ଉପରେ କୌଣସି ପ୍ରଭାବ ପକାଇପାରି ନାହିଁ। ନିର୍ଦ୍ଦେଶକ ଅଶ୍ୱିନ କୁମାର ଭଗବାନ ଶିବଙ୍କ ଉପରେ ଆଧାରିତ ଏହି ଫିଲ୍ମଟିକୁ ନିର୍ମାଣ କରୁଛନ୍ତି। କିନ୍ତୁ ଫୋକସ୍ ରହିବ ମହାଦେବଙ୍କ ଅର୍ଦ୍ଧନାରୀଶ୍ୱର ରୂପ ଉପରେ। ଅଶ୍ୱିନଙ୍କ ମତରେ- 'ହ୍ରିତିକଙ୍କ ଶରୀରର ଗଠନ, ତାଙ୍କର ଡ୍ୟାନ୍ସ ମୁଦ୍ରା ଦେଖିଲେ ମନେହୁଏ ସେ ଜଣେ ଗନ୍ଧର୍ବ। ଦେଶୁ ସେଉଁଭଳି ଫିଲ୍ମଗୁଡ଼ିକୁ ସେ କରୁଛନ୍ତି ସେମାନଙ୍କ ସହିତ ସେ ଏପରି ଏକ ଶାନଦାର ଚରିତ୍ର ନିଭେଇବାକୁ ଚାହିଁବେ।' ଅଶ୍ୱିନୀ ତାଙ୍କୁ ନଟରାଜ ଚରିତ୍ରରେ ଦେଖିବାକୁ ପସନ୍ଦ କରିବେ ଯିଏ ନୃତ୍ୟର ସୃଜନ ମଧ୍ୟ କରିଛନ୍ତି। କିଛି ଦିନ ପୂର୍ବରୁ ଫିଲ୍ମଟିର କାହାଣୀ ବିଷୟରେ କହିଥିଲେ ଅଶ୍ୱିନ କୁମାର। ଏହି କନ୍‌ସେପ୍ଟ ହ୍ରିତିକଙ୍କୁ ପସନ୍ଦ ଆସିଥିଲା। ଏବେ ଏ ଦୁଇ ଜଣଙ୍କର ଚର୍ଚ୍ଚା ଆରମ୍ଭିକ ସ୍ତରରେ ରହିଛି। ସବୁକିଛି ଯଦି ଠିକ୍‌ଠାକ୍ ରହେ ତେବେ ହ୍ରିତିକ ଫିଲ୍ମଟିକୁ ସାଇନ୍ କରିଦେବେ।





# ଓଟିଟିରେ ରିଲିଜ ହେବ 'ମାଇକେଲ୍'

ବକ୍ସ ଅଫିସ୍‌ରେ ଧମାଲ୍ ମଚେଇବା ଓ ପୁରା ଦୁନିଆର ଦର୍ଶକମାନଙ୍କ ହୃଦୟକୁ ଜିତିବା ପରେ ହଲିଉଡ୍‌ର ଚର୍ଚ୍ଚିତ ଫିଲ୍ମ 'ମାଇକେଲ୍' ଏବେ ଓଟିଟିରେ ଦସ୍ତକ ଦେବା ପାଇଁ ପ୍ରସ୍ତୁତ ହେଉଛି। ଏପରି ସ୍ଥଳେ ଯେଉଁ ଦର୍ଶକମାନେ ସିନେମାଘରେ ଫିଲ୍ମଟିକୁ ଦେଖିପାରି ନାହାନ୍ତି ସେମାନଙ୍କ ମଧ୍ୟରେ ଡିଜିଟାଲ୍ ରିଲିଜ୍‌କୁ ନେଇ ଉତ୍ସାହ ଲଗାତର ବୃଦ୍ଧି ପାଉଛି। ପ୍ରସିଦ୍ଧ ପପ୍ ଆଇକନ୍ ମାଇକେଲ୍ ଜ୍ୟାକସନ୍‌ଙ୍କ ଜୀବନୀ ଉପରେ ଆଧାରିତ ଏହି ଫିଲ୍ମଟି ରିଲିଜ ହେବା ପରଠାରୁ ଲଗାତର ଚର୍ଚ୍ଚାରେ ରହିଛି ଓ ଏହାର କାହାଣୀ, ସଙ୍ଗୀତ ଓ ଶାନଦାର ଉପସ୍ଥାପନା ଏହାକୁ ବର୍ଷର ସବୁଠାରୁ ପ୍ରସିଦ୍ଧ ଫିଲ୍ମଗୁଡ଼ିକର ସୂଚୀରେ ସାମିଲ କରିଦେଇଛି। ଫିଲ୍ମରେ ମାଇକେଲ୍‌ଙ୍କ ସଂଘର୍ଷ, ସଫଳତା, ଷ୍ଟାରଡମ୍ ଓ ବ୍ୟକ୍ତିଗତ ଜୀବନର ଅନେକ ଦିଗଗୁଡ଼ିକୁ ପରଦା ଉପରେ ଦେଖିବାକୁ ମିଳିବ ଯେଉଁ କାରଣରୁ ଏହା କେବଳ ଏକ ବାୟୋପିକ୍ ନୁହେଁ ସଙ୍ଗୀତପ୍ରେମୀମାନଙ୍କ ପାଇଁ ଏକ ଖାସ୍ ଅଭିଜ୍ଞତା ବୋଲି କୁହାଯାଉଛି। ଥିଏଟରରେ ସଫଳତା ହାସଲ କରିବା ପରେ ଏବେ ଦର୍ଶକମାନଙ୍କ ନଜର ଅଟକିଛି ଓଟିଟି ପ୍ଲାଟଫର୍ମ ଉପରେ। ସୋସିଆଲ୍ ମିଡିଆରେ ମଧ୍ୟ ଦର୍ଶକମାନେ ଜାଣିବାକୁ ଚାହୁଁଥିଲେ ଯେ ଫିଲ୍ମଟିକୁ କେବେ ଓ କେଉଁଠି ଦେଖିପାରିବେ। ତେବେ ସମସ୍ତଙ୍କର ଅପେକ୍ଷାର ଅନ୍ତ ହୋଇଛି ଓ ୯ ଜୁନ୍‌ରେ ବୁକ୍‌ମାଇଁଶୋ ଷ୍ଟ୍ରିମ୍‌ରେ ଫିଲ୍ମଟିକୁ ଦର୍ଶକମାନେ ରେଣ୍ଟରେ ବା କିଣିକି ଦେଖିପାରିବେ। ମାଇକେଲ୍ ଜ୍ୟାକସନ୍‌ଙ୍କ କୋଟି କୋଟି ପ୍ରଶଂସକଙ୍କ ପାଇଁ ଏହି ଫିଲ୍ମଟି ବହୁତ ଖାସ୍ କାରଣ ଏଥିରେ ତାଙ୍କ କ୍ୟାରିୟରର ଅନେକ ଚରଣକୁ ବିସ୍ତାର ଭାବରେ ଦେଖିବାକୁ ମିଳିବ। ଏହାକୁ ଦେଖିବା ପାଇଁ ଦର୍ଶକମାନେ ଭାବୁକ ହେବା ସହିତ ଉତ୍ସୁକ ମଧ୍ୟ ଅଛନ୍ତି।









# ଶିବମ୍‌ଙ୍କ କମ୍‌ବ୍ୟାକ୍

୧୯ ବର୍ଷର ପୁରୁଣା କଲ୍ଟ କ୍ଲାସିକ୍ 'ଆୱାରାପନ୍'ର ସିକ୍ୱେଲ ବଡ଼ ପରଦାକୁ ଫେରୁଛି। ଏହାର ହିରୋଇନ୍ ଯଦିଓ ବଦଳି ଯାଇଛି କିନ୍ତୁ ହିରୋ ଅଛନ୍ତି ଇମ୍ରାନ୍ ହାସମୀ ଅର୍ଥାତ ଶିବମ୍ ପଣ୍ଡିତ। ମାସ ମାସ ହେଲାଣି ଅଭିନେତା ଫିଲ୍ମର ସୁଟିଂରେ ବ୍ୟସ୍ତ ରହୁଥିଲେ ଓ ଏ ପର୍ଯ୍ୟନ୍ତ ନୂଆ ଅପଡେଟ୍ ସହିତ ଦର୍ଶକମାନେ ଫିଲ୍ମ ଅପେକ୍ଷାରେ ରହିଛନ୍ତି ଯେଉଁ ଖବର ସେମାନଙ୍କୁ ଖୁସି କରିଦେଇଛି। ତେବେ ଇମ୍ରାନ ହାସମୀ 'ଆୱାରାପନ୍-୨'ର ସେଟ୍‌ରୁ ଏକ ଫଟୋ ସେୟାର୍ କରି ବଡ଼ ଅପଡେଟ୍ ଦେଇଛନ୍ତି ଯେ ଫିଲ୍ମର ସୁଟିଂ ପୁରା ହୋଇସାରିଛି। ଏବେ ବାସ୍ ଏଡିଟିଂ କାମ ବାକି ରହିଛି ଓ ଫିଲ୍ମଟି ବଡ଼ ପରଦାରେ ଦସ୍ତକ ଦେବ। ସେୟାର୍ କରିଥିବା ଫଟୋରେ ଇମ୍ରାନଙ୍କ ଅଧା ଚେହେରା ଗୋଡ଼େଇ ହୋଇ ରହିଛି। ଏଥିରେ ଲମ୍ବା କେଶ ଥିବା ଲୁକ୍‌ରେ ଇମ୍ରାନ ନଜର ଆସୁଛନ୍ତି। ତେବେ ପୁରୁଣା ଦର୍ଶକମାନେ ଜାଣୁଛନ୍ତି ଯେ ଏହା କେବଳ ଏକ ରୀମେକ୍ ନୁହେଁ। ତେବେ ଏଥର ଇମ୍ରାନଙ୍କ ସହିତ ଶ୍ରୀୟା ସରନଙ୍କ ଯୋଡ଼ି ଦେଖିପାରିବେ ନାହିଁ ଦର୍ଶକମାନେ। ବଲିଉଡ୍‌ର ଫ୍ୟାସନିଷ୍ଟ ଦିଶା ପାଟନୀଙ୍କ ସହିତ ଏଥର ସ୍କ୍ରିନ୍ ସେୟାର୍ କରିଛନ୍ତି ଇମ୍ରାନ। ନିତିନ କକ୍କଡ଼ଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେଉଥିବା ଏହି ଫିଲ୍ମଟି ମୁକେଶ ଭଟ୍ଟଙ୍କ ବିଶେଷ ଫିଲ୍ମସ୍ ବ୍ୟାନର୍ ଅନ୍ତର୍ଗତ ନିର୍ମିତ ହେଉଛି। ଫିଲ୍ମଟି ସନି ଦେଓଲଙ୍କ ଫିଲ୍ମ 'ଲାହୋର ୧୯୪୭' ସହିତ ରିଲିଜ ହେବ।

# ନର୍ସ ଭୂମିକାରେ ନଜର ଆସିବେ କଙ୍ଗନା

ବଲିଉଡ୍ ଅଭିନେତ୍ରୀ ଓ ସାଂସଦ କଙ୍ଗନା ରନୌତ ଏ ସମୟରେ ଆଗାମୀ ଫିଲ୍ମ 'ଭାରତ ଭାଗ୍ୟ ବିଧାତା'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଗତ ସପ୍ତାହରେ ଫିଲ୍ମଟିର ଟ୍ରେଲର୍ ରିଲିଜ ହୋଇଛି ଯେଉଁଥିରେ ଅଭିନେତ୍ରୀ ନର୍ସ ଭୂମିକାରେ ନଜର ଆସିବେ। ଫିଲ୍ମଟିରେ ୨୦୦୮ରେ ହୋଇଥିବା ମୁମ୍ବାଇ ଟେରର୍ ଆଟାକ୍ ସମୟରେ ନର୍ସ, ୱାର୍ଡ ବଏ, ଲିଫ୍ଟ ଅପରେଟର୍, ସିକ୍ୟୁରିଟି ଷ୍ଟାଫ୍ ଓ ଆଡ୍‌ମିନିଷ୍ଟ୍ରେଟର୍ ସମେତ ଅନେକ ଅସଲ ନାୟକମାନଙ୍କର କାହାଣୀ ଦେଖିବାକୁ ମିଳିବ ଯିଏ ନିଜର ଚିନ୍ତା ନକରି ଅନ୍ୟ ଲୋକମାନଙ୍କ ସାହାଯ୍ୟରେ ପାଖାପାଖି ୪୦୦ ଜଣ ଲୋକଙ୍କ ଜୀବନ ରକ୍ଷା କରିଥିଲେ। ଟ୍ରେଲରରେ ପୁଣି ଥରେ କଙ୍ଗନା ରନୌତଙ୍କ ଶାନଦାର ଅଭିନୟ ଦେଖିବାକୁ ମିଳିବ। ପାଖାପାଖି ୨ ମିନିଟ୍ ୨୫ ସେକେଣ୍ଡର ଏହି ଟ୍ରେଲରର ଆରମ୍ଭ ହୋଇଛି ମୁମ୍ବାଇରେ ହୋଇଥିବା ୨୦୦୮ର ଆତଙ୍କୀ ଆକ୍ରମଣରୁ। ଏହାପରେ ରୋଗୀମାନଙ୍କର ଯତ୍ନ ସହିତ ସେମାନଙ୍କ ପରିବାରର ଆଶା ଓ ନିଜ କାମକୁ ଅଣଦେଖା କରିବାର ଦୃଶ୍ୟ ଦେଖିବାକୁ ମିଳିଛି। ପରବର୍ତ୍ତୀ ସମୟରେ ଏହି ଟ୍ରେଲରଟି ଏକ ଜବରଦସ୍ତ ସର୍ଭାଇଭାଲ୍ ଡ୍ରାମାରେ ବଦଳି ଯାଉଛି। ତେବେ ଅଭିନେତ୍ରୀ ପୁଣି ଥରେ ଦମଦାର କମ୍‌ବ୍ୟାକ୍ କରୁଛନ୍ତି ବୋଲି କହିଲେ ଭୁଲ୍ ହେବ ନାହିଁ। ଫିଲ୍ମଟିକୁ ପ୍ରସ୍ତୁତ କରୁଛନ୍ତି ଡକ୍ଟର ଜୟନ୍ତିଲାଲ୍ ଗଡ଼ାଙ୍କ ପେନ୍ ଷ୍ଟୁଡିଓଜ, ମଣିକର୍ଣ୍ଣିକା ଫିଲ୍ମସ୍, ପରମହଂସ କ୍ରିଏସନ୍ସ, ସୁନୋନେୟା ଫିଲ୍ମସ୍ ଏଲ୍‌ଏଲ୍‌ପି ଓ ପ୍ରୋଟିଂ ରକ୍ସ ଏଣ୍ଟରଟେନ୍‌ମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍। ମନୋଜ ତାପଡ଼ିଆ ଏହାର ଲେଖକ ଓ ନିର୍ଦ୍ଦେଶକ। ଫିଲ୍ମରେ କଙ୍ଗନାଙ୍କ ସହିତ ଗିରିଜା ଓକ୍, ସ୍ମିତା ତାମ୍ବେ, ଈଶା ଦେ, ପ୍ରିୟା ବେର୍ଦେ, ଅଦିତା ନାମଦେବ, ଆଶା ଶୋଲାରସ ରସିକା ଆଗାସେ, ସୁହିତା ଥତ୍ତେ, ଆଦିତ୍ୟ ମିଶ୍ର ଓ ଜାହିଦ ଖାନ।



# ନିଜ କାମକୁ ପ୍ରାଧାନ୍ୟ

ଯେଉଠି କାର୍ଯ୍ୟ କଲେ ବି ସବୁବେଳେ ଅଫିସ୍ କାର୍ଯ୍ୟକୁ ଗୁରୁତ୍ୱ ଦେବା ଦରକାର। ଜାଣିବା ଦରକାର ସେହି ସଂସ୍ଥା କେଉଁ ଲକ୍ଷ୍ୟ ନେଇ କାର୍ଯ୍ୟ କରୁଛି ଓ ତାହାର ସଫଳତା ଆମକୁ କିଭଳି ଭାବରେ ଆଣିବାକୁ ପଡ଼ିବ। ଯଦି ସଂସ୍ଥା ଲାଭରେ ନରହେ, କୌଣସି କର୍ମଚାରୀ ମଧ୍ୟ ଖୁସିରେ ରହିପାରିବେ ନାହିଁ। ଶୁଭଚିନ୍ତକ ଭାବରେ ସଂସ୍ଥାକୁ ଆଗକୁ ନେବା ପାଇଁ ଜଣେ କର୍ମଚାରୀର ପ୍ରଥମ ଲକ୍ଷ୍ୟ ହେବା ଦରକାର। ସେଥିପାଇଁ ସର୍ବପ୍ରଥମେ ନିଜର ୱାର୍କ ଏଥିକ୍ସକୁ ବୁଝିବା ଦରକାର। ଏହି ଅନୁସାରେ କାର୍ଯ୍ୟ କରିବା ସହ ଏ ପ୍ରକାର ଶୃଙ୍ଖଳାକୁ ବଜାୟ ରଖିବା ଦରକାର। ଯଦି ନିଜେ ଶୃଙ୍ଖଳିତ ଭାବରେ ନିଜର କାର୍ଯ୍ୟଶୈଳୀକୁ ପରିବର୍ତ୍ତନ କରିପାରିଲେ, ତା'ହେଲେ ଅନ୍ୟମାନେ ପ୍ରଭାବିତ ହେବା ସହ ସଂସ୍ଥାର କୌଣସି କ୍ଷତି ସାଧନ ହେବନାହିଁ। ନିଜର ବିଚାରଧାରାରେ ଠିକ୍ ରହିଲେ, ଭବିଷ୍ୟତରେ କୌଣସି ଅସୁବିଧା ପରିଲକ୍ଷିତ ହୋଇ ନଥାଏ। କାର୍ଯ୍ୟଦକ୍ଷତା, ସମୟାନୁବର୍ତ୍ତିତା, ଶୃଙ୍ଖଳାକୁ ନିଜର ବ୍ୟକ୍ତିତ୍ୱ ସହ ଯୋଡ଼ିଲେ, ସଫଳତା ମିଳିବା କିଛି କଷ୍ଟ ହୋଇ ନଥାଏ। ଏଣୁ ସବୁବେଳେ ନିଜର ଏଥିକ୍ସକୁ ନେଇ କାର୍ଯ୍ୟ କରିବା ଦରକାର।

ଜ୍ଞାନ ବିଜ୍ଞାନ

# ବସନ୍ତ ଟିକା



ସାଗରିକା ରାଉତ
ଜିଲ୍ଲା ବିଜ୍ଞାନ ପରିଦର୍ଶିକା, କଟକ

ବସନ୍ତ ମାନବ ଇତିହାସର ସବୁଠାରୁ ଭୟଙ୍କର ସଂକ୍ରାମକ ରୋଗ ମଧ୍ୟରୁ ଗୋଟିଏ ଥିଲା। ଶତାବ୍ଦୀ ଶତାବ୍ଦୀ ଧରି ଏହି ରୋଗ ସମଗ୍ର ବିଶ୍ୱରେ କୋଟିକୋଟି ଲୋକଙ୍କ ଜୀବନ ନେଇଥିଲା। ବସନ୍ତ ରୋଗରେ ଆକ୍ରାନ୍ତ ବ୍ୟକ୍ତି ଶରୀରରେ ଫୋଟକା ହୁଏ ଉଚ୍ଚ ଜର ଆସେ ଅନେକ କ୍ଷେତ୍ରରେ ମୃତ୍ୟୁ ଘଟି ଥାଏ। ଯେଉଁମାନେ ବଞ୍ଚି ଯାଉଥିଲେ ସେମାନଙ୍କ ଶରୀରରେ ଦାଗ ରହି ଯାଉ ଥିଲା। ଏହି ରୋଗରୁ ମାନବ ଜାତିକୁ ପ୍ରସିଦ୍ଧ ଚିକିତ୍ସକ ଏଡଓ୍ୱାର୍ଡ ଜେନରପ୍ରତିଷେଧକ ଟିକା ଆବିଷ୍କାର କରି ନୂତନ ଯୁଗ ଆରମ୍ଭ କରି ଥିଲେ। ସେ ୧୭୪୯ମସିହାରେ ଜନ୍ମ ଗ୍ରହଣ କରିଥିଲେ। ବାଲ୍ୟକାଳରୁ ବିଜ୍ଞାନ ଓ ଚିକିତ୍ସା ପ୍ରତି ତାଙ୍କର ଆନ୍ତରିକ ଆଗ୍ରହ ଥିଲା। ଜଣେ ଡ଼ାକ୍ତର ଭାବରେ କାମ କରୁଥିବା ସମୟରେ ସେ ଏକ ଆଶ୍ଚର୍ଯ୍ୟ ଜନକ ଘଟଣା ଦେଖିବାକୁ ପାଇଲେ। ଗାଈର ସାଧାରଣ ରୋଗ ଗୋବସନ୍ତରେ ଆକ୍ରାନ୍ତ ଗାଈ ମାନଙ୍କ ସହ କାମ କରୁଥିବା ବ୍ୟକ୍ତି ମନେ ଗୋବସନ୍ତରେ ଆକ୍ରାନ୍ତ ହୁଅନ୍ତି। କିନ୍ତୁ ମାରାତ୍ମକ ବସନ୍ତ ସେମାନଙ୍କ ଶରୀରରେ ପ୍ରଭାବ ପକାଇ ନଥାଏ। ଗୋବସନ୍ତ ମଣିଷର କ୍ଷତି କରି ନଥାଏ। ଏହି ଆଧାରରେ ସେ ଜଣେ ଗୋବସନ୍ତ ଆକ୍ରାନ୍ତର ଫୋଟକାରୁ ପୂଜ ଆଣି ଜଣେ ଆଠବର୍ଷର ବାଳକ ଶରୀରରେରେ ପ୍ରବେଶ କରାଇ ଥିଲେ। କିଛି ଦିନ ପାଇଁ ବାଳକ ଜଣକ ରୋଗାକ୍ରାନ୍ତ ହୋଇଥିଲା। ପରେ ସମ୍ପୂର୍ଣ ସୁସ୍ଥ ହୋଇଗଲା। ତା ପରେ ଜେନର ବାଳକ ଶରୀରରେ ମଣିଷ ଠାରୁ ବସନ୍ତ ଫୋଟକାରୁ ପୂଜ ନେଇ ପ୍ରବେଶ କରାଇଥିଲେ। ଆଶ୍ଚର୍ଯ୍ୟର କଥା ସେ ବାଳକ ବସନ୍ତ ରୋଗରେ ଆକ୍ରାନ୍ତ ହୋଇ ନଥିଲା। ଏହି ପରୀକ୍ଷା ପ୍ରମାଣ କରିଦେଲା ଗୋବସନ୍ତ ଜୀବାଣୁ ମଣିଷ ଶରୀରରେ ବସନ୍ତର ପ୍ରତିଷେଧକ ଉପାଦାନ ସୃଷ୍ଟି କରନ୍ତି। ଜେନର ତାଙ୍କ ଆବିଷ୍କାରକୁ ଭାକ୍ସିନେସନ ନାମ ଦେଇଥିଲେ। ଏହା ଲାଟିନ ମୂଳ ଶବ୍ଦରୁ ଆସିଛି। ଆରମ୍ଭରେ ଲୋକମାନେ ବସନ୍ତ ଟିକାକରଣରେ ବିଶ୍ୱାସ କରୁ ନଥିଲେ। ପରବର୍ତ୍ତୀ ସମୟ ରେ ଏହା ସମ୍ପୂର୍ଣ୍ଣ ସଫଳ ଭାବରେ ପ୍ରମାଣିତ ହୋଇଥିଲା। ଫଳ ସ୍ୱରୂପ ଇଉରୋପ ଓ ସମଗ୍ର ବିଶ୍ୱରେ ବସନ୍ତ ପ୍ରତିଷେଧକ ଟିକା ବ୍ୟବହାର ଆରମ୍ଭ ହେଲା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଉଦ୍ୟମରେ ୧୯୮୦ମସିହାରେ ସମଗ୍ର ବିଶ୍ୱକୁ ବସନ୍ତ ମହାମାରୀ ମୁକ୍ତ ଘୋଷଣା କରିବା ସମ୍ଭବ ହୋଇ ପାରିଛି। ଏଡଓ୍ୱାର୍ଡ ଜେନର ଟିକାକରଣର ଜନକ ଅଟନ୍ତି।

# ଜୈବିକ ଖାଦ୍ୟ : ସବୁଜିମାର ପୃଥିବୀ



**ବାଦଲ ଭୂୟାଁ**

ଆଜିକାଲି ଲୋକଙ୍କ ଭିତରେ ଖାଦ୍ୟ ସଚେତନତା ବଢୁଛି । ରଙ୍ଗୀନ, ଆଖିକୁ ଖୁସି ଦେଲାପରି ଖାଦ୍ୟ ସବୁ ଗ୍ରହଣ କରିବା ବଦଳରେ ଜୈବିକ ଖାଦ୍ୟ ପ୍ରତି ଲୋକମାନଙ୍କ ଆଗ୍ରହ ବଢୁଛି । ଏହା ଆମକୁ ଭଲଭାବେ ଜଣା ଯେ, ରାସାୟନିକ ସାର ଓ ପ୍ରଦୂଷଣ ଦିନକୁ ଦିନ ଖାଦ୍ୟକୁ ଯେଉଁ ବିଷାକ୍ତ କରୁଛି ତାହା ଜହର ସ୍ୱରୂପ ପାଲଟି ଯାଉଛି । ଭାରତରେ ସବୁଜ ବିପ୍ଳବ ପୂର୍ବରୁ ହିଁ ଜୈବିକ ଖାଦ୍ୟ ପ୍ରସ୍ତୁତ ହେଉଥିଲା । ଦିନ ଥିଲା ଗୋବର ଖତ ହିଁ ଶସ୍ୟ କ୍ଷେତ୍ର ପାଇଁ ସବୁ କିଛି ଥିଲା । ଏଥିରେ ଅନେକ ଉପକାରୀ ଅଣୁଜୀବ ଓ ଜିଆମାନେ ରହୁଥିଲେ ।

ଭାରତରେ ଅନେକ ରାଜ୍ୟରେ ଜୈବିକ ଫସଲ ଓ ପନିପରିବା ସବୁ ପ୍ରସ୍ତୁତ ହେଲାଣି । ୨୦୨୪ର ଏକ ତଥ୍ୟ ଅନୁଯାୟୀ ଭାରତରେ ପ୍ରାୟ ୨ ଲକ୍ଷରୁ ଉର୍ଦ୍ଧ୍ୱ କୃଷକ ଜୈବିକ କୃଷି କରୁଛନ୍ତି । ଜୈବିକ ଖାଦ୍ୟରେ ବିକଶିତ ତାଲିକାରେ ସିକିମ୍ ଅଗ୍ରଣୀ ରହିଥିବାବେଳେ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରର ନାଁ ରହିଛି । ଭାରତରେ ସିକିମ ହେଉଛି ପ୍ରଥମ ରାଜ୍ୟ ଯେଉଁଠି ୨୦୧୪ ମସିହାରେ ରାସାୟନିକ ସାର ବ୍ୟବହାର ରାଜ୍ୟରେ ନିଷିଦ୍ଧ କରାଯାଇଛି । ପରବର୍ତ୍ତୀ ସମୟରେ ବାହାର ରାଜ୍ୟରୁ ଆସୁଥିବା ଅଣଜୈବିକ ଫଳ ଓ ପନିପରିବା ନିଷିଦ୍ଧ କରାଗଲା । ଭାରତର ଦକ୍ଷିଣ ପୂର୍ବଭାଗରେ ଅପୂର୍ବ ସୌନ୍ଦର୍ଯ୍ୟ ଭରୁଥିବା ଉଚ୍ଚଗିରିଶୃଙ୍ଗର କୋଳ ମଣ୍ଡନ କରିଥିବା ରାଜ୍ୟ ସିକିମ ୨୦୧୬ରେ ସମ୍ପୂର୍ଣ୍ଣ ଜୈବିକ ରାଜ୍ୟ ଭାବେ ନିଜକୁ ଘୋଷଣା କରିଥିଲା । ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୧୮ରେ ମିଳିତ ଜାତିସଂଘ ସିକିମର ଏହି ଜୈବିକ ସମ୍ଭାବନା ପାଇଁ ପ୍ରଶଂସା କରିବା ସହ ସମ୍ମାନିତ କରିଥିଲେ । ସୂଚନା ଥାଉକି ସିକିମର କେବଳ ପ୍ରାକୃତିକ ପରିବେଶ ବା ଅନନ୍ୟ ଜୈବ ବିବିଧତା ନୁହଁ ବରଂ ଜୈବିକ ଖାଦ୍ୟ ଓ ପନିପରିବା ପାଇଁ ଏହାର ବଡ଼ ବଜାର ମଧ୍ୟ ରହିଛି । ଲୋକମାନଙ୍କ ଭିତରେ ଏହି ଜୈବିକ ଖାଦ୍ୟ ପ୍ରତି ଆଗ୍ରହ ବଢ଼ିବାରୁ ଭାରତୀୟ ଜୈବିକ ବଜାର ବେଶ ଲାଭବାନ ହୋଇଛି । ଅନ୍ତର୍ଜାତୀୟ ସ୍ତରରେ ୧୮୭ରୁ ଉର୍ଦ୍ଧ୍ୱ ଦେଶ ଜୈବିକ କୃଷିରେ ସକ୍ରିୟ । ଯେଉଁଥିରେ ଭାରତର ସ୍ଥାନ ପଞ୍ଚମ । ଭାରତୀୟ ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଜୈବିକ ଖାଦ୍ୟାର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି । ଲୋକମାନଙ୍କ ଭିତରେ ସଚେତନତା ବଢ଼ିବାରୁ ଘରେ ବାହାରେ ଥିବା ଫାଙ୍କା ସ୍ଥାନ କିମ୍ବା ଛାତ ଉପରେ ଜୈବିକ ଉପାୟରେ ସତେଜ ପରିବା ଉତ୍ପାଦନ କରୁଛନ୍ତି । ଜୈବିକ ଖାଦ୍ୟ ଦ୍ୱାରା ଆମେ ବାସ୍ତବିକ ଆମର ପୁରୁଣା ସମୟର ଖାଦ୍ୟ ଓ ପନିପରିବା ଉତ୍ପନ୍ନ କରିପାରିବା । ଏହା ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ଅତ୍ୟନ୍ତ ରୋଗପ୍ରତିଧକ ଶକ୍ତି ଦେଇଥାଏ । ତେବେ ବଜାରରେ ଅର୍ଗାନିକ ବା ଜୈବିକ ଟ୍ୟାଗ ଦେଖାଇ କିଛି କମ୍ପାନୀ ଠକାମୀ କରୁଥିବାର ଖବର ମଧ୍ୟ ଗଣମାଧ୍ୟମରେ ପ୍ରକାଶ ପାଉଛି । ଜୈବିକ ଖାଦ୍ୟର ଏକ ବଡ଼ ଲାଭକ୍ଷେତ୍ର ହେଉଛି ଏହା ସମ୍ପୂର୍ଣ୍ଣ ପ୍ରକୃତିଗତ ଯାହା ଫଳ ଓ ପନିପରିବାକୁ ଦୀର୍ଘଦିନ ପର୍ଯ୍ୟନ୍ତ ସତେଜ ରଖିବାର ଶକ୍ତି ରଖିଥାଏ ଓ ଏହି ଖାଦ୍ୟ ଅତ୍ୟନ୍ତ ସୁସ୍ୱାଦୁ ।

ଭାରତରେ ଜୈବିକ ଖାଦ୍ୟର ଭଲବଜାର ରହିଛି । ପ୍ରାୟତଃ ଅନେକ ଫଳ ଓ ପନିପରିବା ସହ ତନ୍ତ ଜାତୀୟ ଫସଲ, ଚା’, କଫି, ତୁଳା ଭଲ ରୋଜଗାର ଦେଇଥାଏ ଜୈବିକ ଖାଦ୍ୟ ବଜାର ନିମିତ୍ତ । ଭାରତରେ ଜୈବିକ କୃଷି ପାଇଁ ମିଶ୍ରିତ ଚାଷ, ସୋପାନ ଚାଷ ପରି ପଦ୍ଧତି ଅବଲମ୍ବନ କରାଯାଉଥିବା ସମୟରେ ଜୈବିକ ସାର ଓ କୀଟ ନାଶକ ପ୍ରତି ମଧ୍ୟ ଗୁରୁତ୍ୱ ଦିଆଯାଉଛି । ଏହା ସହିତ କୃଷକମାନେ କିପରି ଜୈବିକ ଉପାୟରେ ଖାଦ୍ୟ ଉତ୍ପାଦନ ନିମନ୍ତେ ଉତ୍ସାହିତ ହେବେ ଓ ଫସଲରେ ରାସାୟନିକ ସାରର ଯଥା ସମ୍ଭବ ଅଳ୍ପ ପ୍ରୟୋଗ କରିବା ପାଇଁ କେନ୍ଦ୍ର ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି । ପ୍ରତି ବର୍ଷ ଫେବୃଆରୀ ମାସରେ ଜାତୀୟ ଜୈବିକ ଖାଦ୍ୟ ମହୋତ୍ସବ ମେଳା ଅନୁଷ୍ଠିତ ହୋଇଥାଏ । ମହାରାଷ୍ଟ୍ରରେ ଏହି ଜୈବିକ ଖାଦ୍ୟକୁ ନେଇ ଏକ ବିଖ୍ୟାତ ମେଳା ଆୟୋଜନ ହୋଇଥାଏ । ଯାହାର ନାମ ହେଉଛି ‘ମହା ଅର୍ଗାନିକ’ । ସେହିପରି ଅହମ୍ମଦାବାଦରେ ‘ସାତ୍ତ୍ୱିକ’ ନାମରେ ଜାତୀୟ ଜୈବିକ ଖାଦ୍ୟକୁ ନେଇ ଏକ ମହୋତ୍ସବ ଅନୁଷ୍ଠିତ ହୋଇଥାଏ । ଓଡ଼ିଶାର ବିଭିନ୍ନ ସ୍ୱୟଂ ସହାୟକ ସଂଗଠନ ଜୈବିକ ଖାଦ୍ୟ ପ୍ରସ୍ତୁତ କରି ସ୍ୱାବଲମ୍ବୀ ହୋଇପାରିବା ସହ ନିଜ ନିଜ ଅଞ୍ଚଳର ସ୍ୱତନ୍ତ୍ରତା ରହିଥିବା ଖାଦ୍ୟ, ପିଠା ଓ ଅନ୍ୟାନ୍ୟ ଖାଦ୍ୟ ସମାଗ୍ରୀ ବାହାରକୁ ରପ୍ତାନୀ କରିପାରୁଛନ୍ତି । ଏହାଦ୍ୱାରା ନିଜ ଅଞ୍ଚଳର ସ୍ୱତନ୍ତ୍ର ଖାଦ୍ୟ ସାମଗ୍ରୀ ଅନ୍ୟ ମାନଙ୍କ ଦୃଷ୍ଟି ଆକର୍ଷଣ କରିପାରୁଛି ଓ ସରକାର ମଧ୍ୟ ରାଜସ୍ୱ ପାଉଛନ୍ତି । ଏକ୍ଷେତ୍ରରେ ସରକାରଙ୍କ ସ୍ୱତନ୍ତ୍ର ସହଯୋଗ ରହିବା ଜରୁରୀ ।

ସାଧାରଣ ପ୍ରକ୍ରିୟାରେ ଉତ୍ପାଦିତ ଖାଦ୍ୟ ପଦାର୍ଥ ଅପେକ୍ଷା ଜୈବିକ ଖାଦ୍ୟ ପଦାର୍ଥର ମୂଲ୍ୟ ଅଧିକ ହୋଇଥିବା କାରଣରୁ ଏହା ସମସ୍ତଙ୍କ ପକ୍ଷରେ କିଣିବା ସମ୍ଭବ ହୋଇ ନଥାଏ । ମୂଲ୍ୟ ଅଧିକ ହୋଇଥିବା ସତ୍ତ୍ୱେ ଏପରି ଖାଦ୍ୟ ବାଛିବାର ଅନେକ କାରଣ ରହିଛି । ଯାହା ମଧ୍ୟରୁ ପରିବେଶ ଚିନ୍ତା ତଥା ସର୍ବୋପରି ସ୍ୱାସ୍ଥ୍ୟ ସଚେତନତା ପ୍ରାଧାନ କାରଣ । ଅତ୍ୟାଧୁନିକ ଉପାୟରେ ଉତ୍ପାଦିତ ଖାଦ୍ୟ ସାମଗ୍ରୀ ଦେଖିବାକୁ ଚିକ୍କଣ ହେଲେ ମଧ୍ୟ ଶରୀର ଉପରେ ଏହାର କୁପ୍ରଭାବ ବହୁ ମାତ୍ରାରେ ପରିଲକ୍ଷିତ ହୁଏ । ସାର ତଥା କୀଟନାଶକରେ ଥିବା କାର୍ସିନୋଜେନ କ୍ୟାନସରର କାରଣ ହେଉଥିବା କୁହାଯାଉଥିବାବେଳେ ରସାୟନ ସାରର ସିଧାସଳଖ ସଂସ୍ପର୍ଶରେ ଆସି ଜଳ ଓ ମୃତ୍ତିକା ସଂପଦ ବହୁମାତ୍ରାରେ ପ୍ରଦୂଷିତ ହୋଇଥାଏ । ଜିନଗତ ରୂପାନ୍ତରିତ ଖାଦ୍ୟପଦାର୍ଥରେ



ଅତ୍ୟାଧୁନିକ ପ୍ରଣାଳୀରେ ବିଭିନ୍ନ ଏନଜାଇମ ଓ କୀଟନାଶକ ପ୍ରୟୋଗ କରାଯାଉଛି । ଯାହାଫଳରେ ଏହି ପ୍ରକାର ଫଳ ଓ ଖାଦ୍ୟ ଶସ୍ୟ ରଙ୍ଗୀନ ଦେଖାଯିବା ସହ ସ୍ୱାଦିଷ୍ଟ ଓ ସତେଜ ଲାଗେ ସତ, ମାତ୍ର ଏଥିରେ କୌଣସି ପୋଷକ ତତ୍ତ୍ୱ ନଥାଏ ।

ବର୍ତ୍ତମାନର ପାଣିପାଗର ପରିଣତି ଆମେମାନେ ଦେଖୁଛୁ ଓ ଅନୁଭବ କରୁଛୁ ଅନେକ ଋତୁ ଜାତୀୟ ଫସଲ ଓ ପନିପରିବା ଆଉ ପୂର୍ବପରି ବଜାରରେ ଦିଶୁନାହିଁ । ତେବେ ଜୈବିକ ଚାଷ ଓ ଜୈବିକ ଖାଦ୍ୟ କଥା ଉଠିଲେ, ଅନେକଙ୍କର ବେଶ ଭଲ ଭାବେ ମନେଥିବ ଚାଷ କ୍ଷେତକୁ ବା ବାରିରେ ଥିବା ପନିପରିବା କ୍ଷେତ୍ରରେ ପ୍ରତିଦିନ ଏକ ବଡ଼ ଖାତରେ ରଖାଯାଉଥିବା ଗୋବର ହିଁ ବ୍ୟବହାର ହୋଇଥାଏ । ଆଜିକା ପରି ମୋ ପିଲା ଦିନ ସମୟରେ ଯେଉଁ ପୋକଙ୍କ ଫସଲ ହାନି କଥା କୁହାଯାଉଛି ସେତେବେଳେ ଆଜିକା ପରି ପୋକ ମାନଙ୍କ ପରି ପ୍ରାର୍ଦୁଭାବ ନଥିଲା । ଘରର ଅଳିଆ ଚୋପା ହେଉ ବା ସବୁଜ ପନିପରିବାର ଅବ୍ୟବହୃତ ସାମଗ୍ରୀ ଗୋରୁ ଗାଈ ଯଦି ନଖାନ୍ତି ତେବେ ଏହା ମଧ୍ୟ ଏକ ଉତ୍କୃଷ୍ଟ ସବୁଜ ସାରର କାମ କରିଥାଏ । କଥା ହେଉଛି ଆମ ମାନଙ୍କ ପରି ଅନେକଙ୍କର ଛୋଟିଆ ଘରର ଅଗଣାରେ କିଛି ଜାଗା ହେଉ ବା ଘରର ଛାତ ଉପର, ସବୁ ସୁବିଧା ରହୁଛି ପୁରୁଣା ସାମଗ୍ରୀକୁ ନେଇ ସେଇଠି ହିଁ ସବୁଜ ଜୈବିକ ସବୁଜିମା ତିଆରି କରନ୍ତୁ । ଅନ୍ତତଃ ପର୍ଯ୍ୟାପ୍ତ ବିଶୁଦ୍ଧ ଅମ୍ଳଜାନ ପାଇବେ, ମନକୁ ଏକ ଶାନ୍ତିମିଳିବ ଯେ ନିଜ ହାତ ତିଆରିର କିଛିଟା ପନିପରିବା ନିଜ ଘର ପାଇଁ ତୋଳି ପାରୁଛନ୍ତି । ଜୈବିକ ଖାଦ୍ୟ ପାଇଁ ସଚେତନତା ବଢ଼ିବା ଜରୁରୀ । କାରଣ ଏହାର ସ୍ୱତନ୍ତ୍ରତା ହେଉଛି ଏହାର ବିଶୁଦ୍ଧତା ଓ ଉର୍ବର ପ୍ରସ୍ତୁତି କ୍ଷେତ୍ରରେ ଏହାର ସମୃଦ୍ଧି । ଉତ୍ତମ ସ୍ୱାସ୍ଥ୍ୟ ଓ ସୁସ୍ଥ ଜୀବନ ଯାପନ ନିମନ୍ତେ ଜୈବିକ ଖାଦ୍ୟକୁ ଆପଣାଇବା ଆବଶ୍ୟକ ।


ପ୍ରତିଷ୍ଠାତା ସମ୍ପାଦକ ‘ସିଂହଭୂମ’,
୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼,
ପୁରୁଣା ସୋନାରୀ, ଜାମସେଦପୁର





ସ୍ୱାସ୍ଥ୍ୟ ସ୍ୱତନ୍ତ୍ର

# ‘ଇବୋଲା’, ଶିଶୁ ସ୍ୱାସ୍ଥ୍ୟ ଓ ସୁସ୍ଥତା




**ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତରାୟ**

‘ଇବୋଲା’ ଭାଇରସ ସାରା ବିଶ୍ୱରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆତଙ୍କ ଦେଖା ଦେଇଥିବାବେଳେ କେନ୍ଦ୍ର ସରକାର ସ୍ପଷ୍ଟ ନିର୍ଦ୍ଦେଶାବଳୀ ଘୋଷଣା କରିଛନ୍ତି। ଦେଶରେ ଏ ପର୍ଯ୍ୟନ୍ତ ଇବୋଲାରେ ଇବୋଲା ସଂକ୍ରମଣ ମାମଲା ଚିହ୍ନଟ ହୋଇନାହିଁ। କିନ୍ତୁ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଘୋଷଣାନାମାରେ ସୂଚୀତ ହୋଇଛି କି ଯେ ଯେଉଁମାନେ ଇବୋଲା ପ୍ରଭାବିତ ରାଷ୍ଟ୍ରକୁ ଯାଇଛନ୍ତି ଏବଂ ସେମାନଙ୍କ ଠାରେ ଜ୍ୱର, ମୁଣ୍ଡବିନ୍ଧା, ଡାଏରିଆ, ବାନ୍ତି, ପେଟଟଣା, ମାଂସପେଶୀର ଯନ୍ତ୍ରଣା ଭଳି ଦେଖାଯାଉଛି ତେବେ ତୁମର ସ୍ଥାନୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କୁ ଅବଗତ କରନ୍ତୁ। ଏଥିରେ କୁହାଯାଇଛି ଇବୋଲା ପ୍ରଭାବିତ ରାଷ୍ଟ୍ରକୁ ଗତ ତିନି ସପ୍ତାହ ଭିତରେ ଯଦି ଏହି ଯାତ୍ରା କରିଥାନ୍ତି ସେଠାରୁ ଫେରିବାପରେ ତୁରନ୍ତ ପୃଥକ ରୁହନ୍ତୁ ଏବଂ ସଂଘରୋଧ ବ୍ୟବସ୍ଥା ଗ୍ରହଣ କରି ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗକୁ ସୂଚୀତ କରିବା ଜରୁରୀ। ଆଗୁଆ ରୋଗ ଚିହ୍ନଟ ହୋଇପାରିଲେ ଏହା ଜୀବନ ବଞ୍ଚାଇ ପାରିବ ଏବଂ ରୋଗ ବେଶୀ ବ୍ୟାପିବାକୁ ଦେବନାହିଁ।



ବର୍ତ୍ତମାନ ଇବାଲୋ ଭାଇରସ ସଂକ୍ରମଣକୁ ନେଇ ଯେଉଁ ଆତଙ୍କ ପ୍ରକାଶ ପାଇଛି ଆସନ୍ତୁ ସର୍ବପ୍ରଥମେ ଜାଣିବା ଏହି ସଂକ୍ରମଣଟି କ’ଣ ? ଫାଇଲଭିରିଡ଼ି ପରିବାର ଅନ୍ତର୍ଗତ ଅର୍ଥୋଇବୋଲଭାଇରସ୍ ବର୍ଗର ଭୂତାଣୁ ଇବୋଲା ରୋଗ କରାଇଥାଆନ୍ତି। ଆଜି ପର୍ଯ୍ୟନ୍ତ ଛଅ ପ୍ରଜାତିର ଅର୍ଥୋଇବୋଲଭାଇରସ ଚିହ୍ନଟ କରାଯାଇଛି। ସେ ମଧ୍ୟରୁ ତିନି ପ୍ରଜାତିର ଭୂତାଣୁ ଇବୋଲା ରୋଗ ବିସ୍ତାର କରନ୍ତି ବୋଲି ଜଣାପଡ଼ିଛି। ଇବୋଲା ଭାଇରସ ଡିଜିଜ ବା (ଇଭିଡ଼ି) ହୋଇଥାଏ। ସେହିପରି, ସୁଦାନ ଭାଇରସ (ଏସୟୁଡିଭି) ସୁଦାନ ଭାଇରସ୍ ଡିଜିଜ୍ ବା ‘ଏସଭିଡ଼ି’ କରାଇଥାଏ ଏବଂ ବୁଣ୍ଡିବୁଗ୍ୟୋ ଭାଇରସ ବିଡ଼ିଭିବି ବୁଣ୍ଡିବୁଗ୍ୟୋ ଭାଇରସ ଡିଜିଜ୍ ବା ବିଭିଡ଼ି କରାଇଥାଏ। ୧୯୭୬ମସିହାରେ ପ୍ରଥମକରି ଇବୋଲା ରୋଗ ଚିହ୍ନଟ ହୋଇଥିଲା। ଗବେଷକମାନଙ୍କ ତଥ୍ୟ ଅନୁଯାୟୀ ଫଳଭକ୍ଷୀ ବାଦୁଡ଼ି, ବନ୍ୟ ପ୍ରାଣୀମାନେ ଏହି ‘ଇବୋଲା’ର ପ୍ରାକୃତିକ ବାହାକ, କାରଣ ଏମାନେ ଅର୍ଥୋଇବୋଲଭାଇରସର ସଂକ୍ରମଣ ହୋଇଥାନ୍ତି। ଏହି ସଂକ୍ରମିତ ବନ୍ୟ ପ୍ରାଣୀମାନଙ୍କ ରକ୍ତ ହେଉ ବା ମଳ, ଏପରିକି ସେମାନଙ୍କ ଶରୀରର ସଂସ୍ପର୍ଶରେ ଯିଏ ସାମାନ୍ୟତମ ଆସୁନା କାହିଁକି କିମ୍ବା ସେମାନଙ୍କ ଶରୀରୁ କ୍ଷରିତ ଅନ୍ୟାନ୍ୟ ତଳ ପଦାର୍ଥ ସଂସ୍ପର୍ଶରେ ଆସିଲେ ମନୁଷ୍ୟ ଶରୀର ମଧ୍ୟକୁ ଏହି ଭୂତାଣୁ ପ୍ରବେଶ କରେ। ବିଶେଷକରି ଚର୍ମ ବା ମ୍ୟୁକସ ମେମ୍ବ୍ରେଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତି ଶରୀର ମଧ୍ୟକୁ ଏହି ଭୂତାଣୁ ସିଧାସଳଖ ପ୍ରବେଶ କରିଥାଏ।

ଓଡ଼ିଶାରେ ସରକାରଙ୍କ ତରଫରୁ ଭୁବନେଶ୍ୱର ଏଏମ୍ସରେ ସଂଘରୋଧ ଓ ଚିକିତ୍ସା ପାଇଁ ଆଠଟି ଶଯ୍ୟା ପ୍ରସ୍ତୁତ ରହିଛି। ବିମାନ ସେବା କ୍ଷେତ୍ରରେ ଦେଖିଲେ ଭୁବନେଶ୍ୱର ବିମାନ ବନ୍ଦର ଓ ଜଳ ଜାହାଜ ଯୋଗାଯୋଗ ବ୍ୟବସ୍ଥା କ୍ଷେତ୍ରକୁ ଦେଖିଲେ ପାରାଦ୍ୱୀପ ବନ୍ଦରରେ ସରକାରୀ ଭାବେ ସ୍ୱାସ୍ଥ୍ୟ ଟିମ ପ୍ରସ୍ତୁତ ରହିଛନ୍ତି। ଇବୋଲୋ ଲକ୍ଷଣ ଥିବା ଯାତ୍ରୀ ଚିହ୍ନଟହେଲେ ତୁରନ୍ତ ଚିକିତ୍ସା ପାଇଁ ପଠାଇବାର ବ୍ୟବସ୍ଥା କରାଯାଇଛି। ସୂଚନା ଥାଉକି ଏ ପର୍ଯ୍ୟନ୍ତ ରାଜ୍ୟରେ କୌଣସି ଇବାଲୋ ରୋଗୀ ଚିହ୍ନଟ ହୋଇନାହାଁନ୍ତି।

ଯଦି ଇବୋଲା ସଂକ୍ରମିତ ଓ ପ୍ରଭାବିତ ରାଷ୍ଟ୍ରକୁ ଯାଇଥିବା ଛୋଟ ପିଲା ବିଶେଷକରି ନବଜାତକଙ୍କ ପାଇଁ ଅତୀବ ଘାତକ ଓ ବିପଦଜନକ ମଧ୍ୟ। ଏହି ଭାଇରସ ହେଉଛି ଏକ ରକ୍ତସ୍ରାବୀ ଜ୍ୱରରୁ ଆରମ୍ଭ କରିଥାଏ। ପିଲାମାନଙ୍କ ପାଇଁ ବର୍ତ୍ତମାନର ଉତ୍ତପ୍ତ ପରିବେଶକୁ ଦେଖିଲେ ସେମାନଙ୍କ ପାଇଁ ଏହା ଜଟିଳତମ ପରିସ୍ଥିତି ସୃଷ୍ଟି କରିଥାଏ। ଏହି ଭୂତାଣୁ ସଂକ୍ରମଣରେ ପୀଡ଼ିତ ଶିଶୁ ମାନଙ୍କୁ ବଞ୍ଚାଇବା ଭୁବ କଷ୍ଟର ହୋଇ ପଡିଥାଏ। ଏ ପର୍ଯ୍ୟନ୍ତ ଏହି ଭୂତାଣୁର ୫ଟି ପ୍ରଜାତି ଚିହ୍ନଟ ହୋଇଛି । ସେ ମଧ୍ୟରୁ ୪ଟି ଦ୍ୱାରା ମନୁଷ୍ୟ ସଂକ୍ରମିତ ହୋଇପାରେ । ଏହି ଚାରି ପ୍ରଜାତି ହେଉଛି ବୁନ୍ଦିବୁଗ୍ୟୋ ଇବୋଲା ଭାଇରସ୍, ଜାୟରେ ଇବୋଲା ଭାଇରସ୍, ସୁଦାନ ଇବୋଲା ଭାଇରସ୍, ଟାଇ ଫରେଷ୍ଟ ଭାଇରସ୍ । ପଞ୍ଚମ ଭାଇରସ୍ ରେଷ୍ଟନ ଇବୋଲା ଭାଇରସ୍ ଦ୍ୱାରା ମନୁଷ୍ୟ ସଂକ୍ରମିତ ହୁଏ ନାହିଁ ।

ଟାଇଫରେଷ୍ଟ ଓ ରେଷ୍ଟନ ଭାଇରସ୍ ଫିଲିପାଇନ୍ସ ଓ ଚୀନରେ ମିଳେ କିନ୍ତୁ ଆଜି ପର୍ଯ୍ୟନ୍ତ ଏଥିରେ କାହାର ମୃତ୍ୟୁ ଘଟିଥିବା ଜଣାନାହିଁ । ପିଲାଟି ଯେପରି ଇବୋଲା ସଂକ୍ରମିତ ମନୁଷ୍ୟ ଓ ଜୀବଜନ୍ତୁଙ୍କ ସଂସ୍ପର୍ଶରେ ନ ଆସେ ସେ ଦିଗ ପ୍ରତି ଯତ୍ନବାନ ହୁଅନ୍ତୁ। ଏହି ଭାଇରସ ଦେହ ଭିତରେ ଖେଳେଇ ହେବା ପାଇଁ ପାଖାପାଖି ତିନି ସପ୍ତାହର ଏକ ଲମ୍ବା ଦିନ ନେଉଥିବାରୁ ଏହାର ଲକ୍ଷଣ ଚିକିତ୍ସକ ଦେଖିଲା ବେଳକୁ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥାଏ।

ପିଲାମାନଙ୍କର ଏହି ଭାଇରସ୍ ସଂକ୍ରମଣର ବଡ଼ ଲକ୍ଷଣ ହେଉଛି ଯଦି ପିଲାଟିର ମୁଣ୍ଡ ବିନ୍ଧୁଥାଏ କିମ୍ବା ପିଲାଟି ଜ୍ୱର, ଦିନ ତମାମ ଦୁର୍ବଳ ଓ ଥକି ପଡ଼ିଲା ପରି ଅନୁଭବ କରେ । କେତେକ କ୍ଷେତ୍ରରେ ପିଲାମାନଙ୍କ ଦେହରେ ପ୍ରାଥମିକ ଅବସ୍ଥା ଲାଗି ଦେଖାଯାଇ ଏହା କୁଣ୍ଡିଆର ରୂପ ନେଇ ଫାଟିଯାଏ ଓ ଘା’ସଂକ୍ରମଣ ହୋଇଥାଏ। କେତେକ ପିଲାଙ୍କ ଦେହର ରଙ୍ଗ କଳାପଡ଼ିଯିବା ସହ ପିଲାଟି ଅସହ୍ୟ ଦୁର୍ବଳତା ଓ ଛଟପଟ ହେଲା ପରି ପରିସ୍ଥିତି ଅନୁଭବ କରିଥାଏ। ପିଲାମାନଙ୍କ ପାଟିରେ ପ୍ରଥମ ଜିଭ ଲାଲ ହୋଇଯାଏ ଓ ପରେ ଏହା ଦରଜ ଅନୁଭବ ହୋଇ ଜଳାପୋଡ଼ା ପ୍ରସ୍ତୁତି ସୃଷ୍ଟି କରେ। ଗୋଟିଏ ସପ୍ତାହ ପରେ ସଂକ୍ରମିତ ପିଲାର ଗୁରୁତ୍ୱପୂର୍ଣ୍ଣ ଧମନୀରେ ରକ୍ତ ସଞ୍ଚାଳନ ବ୍ଲକ କରିଦେଇଥାଏ। ଏହା ଜମାଟ ବାନ୍ଧିବାରୁ ପିଲାଟିର ସମ୍ପୂର୍ଣ୍ଣ ଶରୀରକୁ ନିୟନ୍ତ୍ରଣ କରୁଥିବା ମସ୍ତିଷ୍କ ସହ ଅନ୍ତ୍ରାଶୟ, ବୃକକ, ପେଟ ସମସ୍ୟା ଠାରୁ କେତେକ କ୍ଷେତ୍ରରେ ହୃଦଘାତ ପିଲାଟିର ତମାମ ଅଙ୍ଗ ପ୍ରତ୍ୟଙ୍ଗ ଅଚଳ କରିଦେଇଥାଏ। ଅନେକ କ୍ଷେତ୍ରରେ ପ୍ରାଥମିକ ସମୟରୁ ଏହାର ନିର୍ଣ୍ଣୟ ଓ ଚିକିତ୍ସା ଆରମ୍ଭ ହୋଇନଥିବାରୁ ପରବର୍ତ୍ତୀ ସମୟରେ ଏହା ଅକାଳରେ ଜଣଙ୍କର ଜୀବନ ନେଇଯାଏ।

ଏହି ଭାଇରସ ବ୍ୟାପିବା ପାଇଁ ଦୀର୍ଘ ଦିନ ସମୟ ନେଉଥିବାରୁ ଓ ବର୍ତ୍ତମାନ ଖରାଦିନ ହୋଇଥିବାରୁ ନବଜାତକମାନଙ୍କ ପାଇଁ ଏହା ଅତ୍ୟନ୍ତ ଜଟିଳ ପରିସ୍ଥିତି ସୃଷ୍ଟି କରିଥାଏ। ବଡ଼ ଲୋକମାନଙ୍କ ଶରୀରରୁ ଏହି ସଂକ୍ରମଣର ଶିକାର ପିଲାମାନେ ହେଉଥିବାରୁ ଚିକିତ୍ସା ହେବାବେଳକୁ ପ୍ରାୟତଃ ବହୁତ ଡେରି ହୋଇଯାଇଥାଏ। ଏ ପର୍ଯ୍ୟନ୍ତ ଏହାର ଟୀକା ବଜାରକୁ ଆସିନାହିଁ ତେଣୁ ଏହାର ନିର୍ଦ୍ଦିଷ୍ଟ ଚିକିତ୍ସା ବ୍ୟବସ୍ଥା କେବଳ ସରକାରୀ ବ୍ୟବସ୍ଥିତ ଡାକ୍ତରଖାନାରେ ହିଁ ମିଳିଥାଏ। ବଡ଼କଥା ହେଉଛି ଏହି ସଂକ୍ରମଣକୁ ନେଇ କୌଣସି ଘରୋଇ ଚିକିତ୍ସା କରନ୍ତୁ ନାହିଁ, ଉପରୋକ୍ତ ଲକ୍ଷଣ ଥିଲେ ତୁରନ୍ତ ସଂଘରୋଧରେ ରହି ନିକଟସ୍ଥ ଡାକ୍ତରଖାନାର ସୁଯୋଗ ନିଅନ୍ତୁ। ନିଜେ ସଫାସୁତୁରା ରହିବା ସହ ଘର ଓ ବାହାର ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। କୌଣସି ଅପପ୍ରଚାର, ଗୁଜବକୁ ବିଶ୍ୱାସ କରନ୍ତୁ ନାହିଁ। କେବଳ ସରକାରୀ ତଥ୍ୟକୁ ହିଁ ଗ୍ରହଣ କରନ୍ତୁ।

**ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,**
**ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର**



ମହକ

# ଅଗ୍ରଣୀ ସାମାଜିକ ସଙ୍ଗଠନ :
# ବୟାଳିଶ ମୌଜା ବିକାଶ ପରିଷଦ



ବିଭିନ୍ନ ସାମାଜିକ ସଙ୍ଗଠନ ଏବଂ ଏହି ସେବା ଦିଗରେ ନିଃସ୍ୱାର୍ଥପର ସାଧନାରତ ଦେଶ ସେବକ ମାନଙ୍କର ସାଧନାର ଅମୃତ ଫଳ ହେଉଛି ଆମ ବିକଶିତ ଭରତ ବର୍ଷର ଉନ୍ନତିକୁ ବିଭିନ୍ନ କ୍ଷେତ୍ରରେ ଅଗ୍ରସର କରିଛି। ସମାଜ ପ୍ରତି ଆମ ଦାୟିତ୍ୱ, କର୍ତ୍ତବ୍ୟବୋଧ, ତ୍ୟାଗ, ସୃଜନଶୀଳାତା, ନିଃସ୍ୱାର୍ଥପର ସେବା, ତ୍ୟାଗ ଆଦି ଅତି ମାନନୀୟ ଶକ୍ତିର ଆବଶ୍ୟକତାକୁ ସଠିକ୍ ଭାବେ ଧ୍ୟାନ ଦେବା ଜରୁରୀ। ସାମାଜିକ ପ୍ରାଣୀ ଭାବେ ଆଜିର ବିକଶିତ ମାନବର ଯୁଗରେ ଆମକୁ ଅଧିକରୁ ଅଧିକ କ୍ରିୟାଶୀଳ ହୋଇ ଦେଶ ଗଠନ ପାଇଁ କର୍ତ୍ତବ୍ୟ କରିବାକୁ ହେବ ଆମ ଆଚରଣ ଉଚ୍ଚାରଣ ସିଦ୍ଧ ହେବାକୁ ପଡ଼ିବ। ଭଲ ମଣିଷ ସବୁଠି ପୂଜା ପାଏ ଆଉ ସବୁଠି ସେ ଆଦରଣୀୟ। ଆଜି ଆମ ଗହଣରେ ସେହି ବରେଣ୍ୟ ମହାପୁରୁଷ ବା ଯୁଗପୁରୁଷ ବର୍ଗ ନାହାଁନ୍ତି କିନ୍ତୁ ତାଙ୍କ ସ୍ମୃତି, କଥା, ଗାଥା, କୃତି, ଗୌରବମୟ ସମୁଜ୍ଜ୍ୱଳ ଇତିହାସ ଓ କୀର୍ତ୍ତି ସବୁ ଉଦାହରଣୀୟ ଓ ପ୍ରେରଣାଦାୟୀ। ମନୁଷ୍ୟ ସହିତ ମନୁଷ୍ୟର ପାରସ୍ପରିକ ଅନ୍ତଃ ସଂପର୍କ ଯୋଗୁ ସମାଜ ସୃଷ୍ଟି ହୋଇଛି। ଏକ ଶବ୍ଦରେ କହିବାକୁ ଗଲେ ପରିବାର, ସମ୍ପ୍ରଦାୟ, ସାମାଜିକ ଦାନ, ସାମାଜିକ ଭୂମିକା, ସଂପର୍କ, ସ୍ନେହ, ଶ୍ରଦ୍ଧା, ଆନ୍ତରିକତା, ସମ୍ମାନ ଆଉ ତ୍ୟାଗର ମୂଲ୍ୟବୋଧ ଏସବୁ ସହଚର ବା ସମାଜର ମୁଖ୍ୟାଂଶ ଏହାର ବ୍ୟତିରେକ ସମାଜ ଆଉ ସାମାଜିକ ବ୍ୟବସ୍ଥା ଅଧୁରା। ସାମାଜିକ ସମ୍ପର୍କ ଦୁଇ ଗୋଟି ଦୃଷ୍ଟିକୋଣ ଉପରେ ଆଧାରିତ ଯଥା ପ୍ରକାର୍ଯ୍ୟାତ୍ମକ ଓ ସଂରଚନାତ୍ମକ। ପରିବାରରେ ଯଦି ପିଲାମାନଙ୍କୁ ଜାତୀୟତା, ସେବା, ପରୋପକାର ଆଦି ଉପରେ ଶିକ୍ଷା ମିଳେ ତେବେ ସେହିଠାରୁ ହିଁ ସମାଜସେବାର ଅୟମାରମ୍ଭ । ସଂଗଠିତ ନିଃସ୍ୱାର୍ଥପର ତ୍ୟାଗ ଭାବନା, ସତ୍ କର୍ମ ସାମାଜିକ ସଂଗଠନ ବା ସୋସିଆଲ ସର୍ଭିସ ଅର୍ଗାନାଇଜେସନର ମୂଳମନ୍ତ୍ର । ସେହିଭଳି ଏହି ମହାନ୍ ଭାବନାରେ ଗଢି ଉଠିଛି କଟକ ଜିଲ୍ଲା କଟକ ସଦର ୪୨ ମୌଜାରେ କିଛି ଉଦୀୟମାନ ସମମନୋଭାବାପର୍ଣ୍ଣ ଯୁବପୀଢ଼ି ଆଉ ମୁରବୀ ବର୍ଗମାନଙ୍କୁ ନେଇ ଏକ ଅଗ୍ରଣୀ ସାମାଜିକ ମହତ୍ ସଂଗଠନ 'ବୟାଳିଶମୌଜା ବିକାଶ ପରିଷଦ'। ଏହି ସଙ୍ଗଠନର ଜନ୍ମ ୨୦୦୨ ମସିହାରେ। ଏହା ଅନେକ ସେବାକାର୍ଯ୍ୟ କରି ଆମ ମା' ମାଟିର ଅନବଦ୍ୟ ଅନୁପମ ସ୍ୱର ଓ ସ୍ୱାକ୍ଷରକୁ ସଦା ଉଜ୍ଜୀବିତ କରାଇବାର ଦୃଢ଼ ସଂକଳ୍ପ ନେଉଛି। ପରିଷଦ ଲକ୍ଷ୍ୟ ଉଦ୍ଦେଶ୍ୟ ଲୋକଙ୍କ ସେବା, ସାହିତ୍ୟ ସେବା, ପୂଜ୍ୟପୂଜା ସହ ଭ୍ରାମ୍ୟମାଣ ପ୍ରତିଭା ସମ୍ମାନ ପର୍ବ, ଶିକ୍ଷାର ବିକାଶ, ଗୋ ସେବା, ଏକତା ଓ ଅଖଣ୍ଡତା ବଜାୟ ରଖିବା, ସମାଜରେ ସକରାତ୍ମକ ଭାବନା, ଶୃଙ୍ଖଳିତ ଭାବନା, ଶୋଭନୀୟତା ଆଦି ମହାଭାରତୀୟ ଚିନ୍ତା ଚେତନା ଉପରେ ଆଧାରିତ ବା ଦଣ୍ଡାୟମାନ । ଆଜି ଅନେକ ମହତ୍ କାର୍ଯ୍ୟ କରି ଚାଲିଛି ଏହି ସଂଗଠନ ଯାହାର କଳନା ନାହିଁ କି ତୁଳନା ନାହିଁ । ବହୁବିଧ ଅନନ୍ୟ ସେବା କରି ଅତି ମହତ୍ ବା ବିଶାଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ରଖି ଗ୍ରାମ ଉନ୍ନତି ଓ ପରିବେଶ ସୁରକ୍ଷା ପାଇଁ ସଫଳ କାର୍ଯ୍ୟ କରାଯାଉଛି । ରକ୍ତଦାନ ଶିବିର, ସ୍ୱାସ୍ଥ୍ୟସେବା ଶିବିର ସହ ଜନସଚେତନତା ତିଆରି କରିବାରେ ଏହା ଏକ ଅଗ୍ରଣୀ ସଙ୍ଗଠନ। ସ୍ୱଚ୍ଛ, ସବୁଜ, ସଂସ୍କୃତି, ସ୍ୱାଭିମାନ ଓ ସ୍ୱାବଲମ୍ବୀ ଉପରେ ଆଧାରିତ ଅନେକ ଅତି ମାନବୀୟ କାର୍ଯ୍ୟ ଅନୁଷ୍ଠିତ ସାରା ରାଜ୍ୟରେ ଶାଖା ପ୍ରତିଷ୍ଠା ହୋଇ କାର୍ଯ୍ୟରତ,ଏହି ଅଭିଯାନ ଯୁବପିଢ଼ି ମଧ୍ୟରେ ଅପାର ଉତ୍ସାହ ସୃଷ୍ଟି କରିଥିଲା । ଅନୁଷ୍ଠାନ ପାଇଁ କାର୍ଯ୍ୟକର୍ତ୍ତା ବର୍ଗ ସ୍ଥାନୀୟ ସଚେତନ ନାଗରିକ ଆଦି ଅନେକ ତ୍ୟାଗ ସ୍ୱୀକାର କରିଛନ୍ତି ଯାହାକି





ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ସଂଭ୍ରାନ୍ତ ଆଧାତ୍ମିକ ଭାବଧାରା ସଂପନ୍ନ କଟକ ଇତିହାସରେ। ଏହି ସଂଗଠନର ନେପଥ୍ୟରେ ନିଜର ସାଧନା ଜାରୀରଖି ତଥା ସଂଗଠନର ଉନ୍ନତି ଦିଗରେ ଅହରହ କାର୍ଯ୍ୟରତ ବହୁମୁଖୀ ପ୍ରତିଭାଧାରୀ ସଦସ୍ୟ ସଦସ୍ୟାଗଣ। ସେହି କର୍ମୀ ବର୍ଗ ଏକା ଧାରରେ ଜଣେ ଜଣେ ଶାନ୍ତ, ସରଳ, ଧୃଢ଼ମନା, ସଂସ୍କାରୀ, ନୀତିନିଷ୍ଠ ସାଧକ, ଲେଖକ, ଜନସେବକ, ଗବେଷକ ଓ ସ୍ୱଷ୍ଟବାଦୀ ଅନନ୍ୟ ବ୍ୟକ୍ତିତ୍ୱ। ସେହି ବରେଣ୍ୟ ସ୍ରଷ୍ଟାମାନଙ୍କ ସାରସ୍ୱତ ସାଧନାର ଅମୃତ ଫଳ ଆମ ଅମୀୟ ବାରିଧାରା ହେଉଛି ସେହି ବରେଣ୍ୟ ଅନୁଷ୍ଠାନ ବୟାଳିଶମୌଜା ବିକାଶ ପରିଷଦ। ୧୦୦ରୁ ଉର୍ଦ୍ଧ୍ୱ ପ୍ରମୁଖ କର୍ମଯୋଗୀ ସର୍ବତ୍ୟାଗୀ ବର୍ଗ ପରିଷଦର ଚଲାପଥର ସାଥୀ ହୋଇ ପରିଷଦ ବିକାଶ ଦିଗରେ କାର୍ଯ୍ୟରତ। ପରିଷଦ ଗ୍ରାମାଞ୍ଚଳ କୁନିକୁନି ପିଲାଙ୍କ ପାଦରେ ଘୁଙ୍ଗୁର ବାନ୍ଧି ନଚାଇବା ଶିଖାଇଛନ୍ତି,ସେହି କୁନିକୁନି କୋମଳମତୀ ଶିଶୁ ପ୍ରତିଭା ଯେକି ଆଜିର ଶିଶୁ କାଲିର ନାଗରିକ ସେହି ମାନଙ୍କ ମନରେ ପ୍ରେରଣା ଯୋଗାଇବା ସହ ସେମାନଙ୍କୁ ନିଜର ପ୍ରତିଭା ପରିଚୟ ଦେବାର ସୁଯୋଗ ଦେଇଛନ୍ତି, ନିଜ ଅଂଚଳର ବହୁ ସଙ୍ଗଠନର ବିକାଶ ଦିଗରେ ଅନେକ ସାଧନା କରିଛନ୍ତି, କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା ସୁରକ୍ଷା ପାଇଁ ଅବିରତ ସଂଗ୍ରାମ କରିଛନ୍ତି, ପରିବେଶ ସୁରକ୍ଷା ସହ ସବୁଜ ସୁସ୍ଥ ସ୍ୱଚ୍ଛତା, ଯୁବପିଢ଼ିକୁ ସଚେତନ କରାଇବା, ଅଂଚଳର ସମସ୍ୟା ସମ୍ପର୍କରେ ଅବଗତ କରାଇବା ଆଦି ଦିଗରେ ପ୍ରଚେଷ୍ଟା ସହ ଅନେକ ଜନହିତକର କାର୍ଯ୍ୟ ଦୀର୍ଘ ପଚିଶ ବର୍ଷ ଧରି କରାଯାଇ ଖୁବ୍ ସଫଳତା ହାସଲ କରିଛି । ଆଜିର ସମାଜ ପାଇଁ ଏହି ସଂଗଠନ ବାସ୍ତବରେ ଏକ ପ୍ରେରଣା ଓ ଆଶାର ଆଲୋକ ତଥା ନବଚେତନାର ପ୍ରତୀକ। ଅନେକ ଉଚ୍ଚ ଶିକ୍ଷିତ ସାରସ୍ୱତ ସାଧକ ରାଷ୍ଟ୍ରଭକ୍ତ, ଜନନେତା, ଜାତୀୟତାବାଦୀ, ସମାଜ ସଂସ୍କାରକ, ଜଣେ ମହାନ୍ ଓଡିଆ, ଜଣେ ଜଣେ ସନ୍ଥ, ଓଡ଼ିଶାର ମାନକୁ ବିଶ୍ୱାକାଶରେ ଉତ୍ତୀୟାନ କରିଥିବା ବହୁମୁଖି ପ୍ରତିଭାଦୀପ୍ତ ବଳିଷ୍ଠ ବ୍ୟକ୍ତିତ୍ୱ ତଥା ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ପ୍ରାଣ ଏହାର ମାର୍ଗଦର୍ଶକ। ଏହି ପରିଷଦର ପରିଚୟ ନାହିଁ ଏହାର କର୍ମ ହିଁ ତାଙ୍କ ପରିଚୟ। ଏହା ଏକ ଅନୁଷ୍ଠାନ, ଏକ ଆନ୍ଦୋଳନ, ଏକ ଜନ ଚେତନା, ସଦା ବସନ୍ତ ପରି ଋତୁରାଜ, ଆଧାତ୍ମିକ ଭାବଧାରା ବିଜଡ଼ିତ ସଙ୍ଗଠନ, ଜନାଦୃତ ତଥା ଆଦର୍ଶ ସଙ୍ଗଠନ ଯାହାର ବିକଳ୍ପ ନାହିଁ। ମହାପୁରୁଷଙ୍କ ଜୀବନୀ ପାଠ ତାଙ୍କ ଉପାସନା ଓ ଧାର୍ମିକ ସମ୍ମିଳନ, ସାହିତ୍ୟ ସଭା, ଧାର୍ମିକ ସହଯୋଗ ଓ ଐକ୍ୟର ଅପୂର୍ବ ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହି ସଂଗଠନ ଆମ ସମୟର ଶଙ୍ଖନାଦ, ତୁର୍ଯ୍ୟନାଦ, ସିଂହନାଦ ଆଉ ଯୁଗସୂର୍ଯ୍ୟ। ଲୋକଙ୍କ ସେବାରେ ପ୍ରତିଭା ପୂଜାରେ ପରିଷଦ ଉତ୍ସର୍ଗୀକୃତ। ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବା ସହ ଲୋକଙ୍କ ଉନ୍ନତିରେ ସଂଗଠନର କାର୍ଯ୍ୟଧାରା ସର୍ବଦା ପ୍ରେରଣାର ଉତ୍ସ। ଏହି ସଙ୍ଗଠନର ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଅନୁଷ୍ଠିତ ସମସ୍ତ ମାନବୀୟ କାର୍ଯ୍ୟ ଆଉ ମହନୀୟ ବାର୍ତ୍ତା ଏକ ବଳିଷ୍ଠ ଯୁଗାନ୍ତକାରୀ ପଦକ୍ଷେପ ଯାହାର ବିକଳ୍ପ ନାହିଁ। ଏହି ସଂଗଠନ ପକ୍ଷରୁ ମିଳିଥିବା ସାହାଯ୍ୟ, ସହଯୋଗ, ପ୍ରେରଣା, ଉପଦେଶ, ଉପକାର, ଆନ୍ତରିକତା, ସ୍ନେହ, ଶ୍ରଦ୍ଧା, ମଣିଷପଣିଆ, ସମ୍ମାନ, ଆଦର ଜୀବନବ୍ୟାପୀ ଅଭୁଲା ରହିବ ସମଗ୍ର କଟକ ମାଟି ପାଇଁ । ଚଳିତ ବର୍ଷ ୨୦୨୬ ଜୁନ ଛଅ ଓ ସାତ ତାରିଖ ଶନିବାର ଓ ରବିବାର ଦୁଇ ଦିନ ଧରି ବେଣ୍ଟକାର ଭଜ ଗୋବିନ୍ଦ ପୀଠ ରୌପ୍ୟ ଜୟନ୍ତୀ ୪୨ ମୌଜା କଟକ ସଦର ଠାରେ ୪୨ ମୌଜା ବିକାଶ ପରିଷଦର ରୌପ୍ୟ ଜୟନ୍ତୀ( ପଞ୍ଚବିଂଶତମ ବାର୍ଷିକ ମେଧା ଓ ପ୍ରତିଭା ସମ୍ମାନ ଉତ୍ସବ - ୨୦୨୬) ପାଳନ ଅବସରରେ ଆୟୋଜିତ ଯାହାକି ଆମ କର୍ମ ଆମ ପରିଚୟର ମହାନ୍ ନୀତି ଆଦର୍ଶକୁ ପାଥେୟ କରି ପାଳିତ ହେବାର ପ୍ରସ୍ତୁତି ସହ ବହୁ ଜନ ହିତକର ଓ ଖୁବ୍ ପ୍ରଶଂସନୀୟ କାର୍ଯ୍ୟକ୍ରମ ହେବାର ବ୍ୟବସ୍ଥା ରହିଛି। ଏହି ମହୋତ୍ସବରେ ବହୁ ସମ୍ମାନୀତ ବରେଣ୍ୟ ଅତିଥି ଭାବେ ଯୋଗଦାନ କରିବା ନେଇ ସଭା ଆୟୋଜିତ ହୋଇଅଛି। ଏହି ବିଶାଳ ମହତ୍ ଅନୁଷ୍ଠାନ ୪୨ ମୌଜା ବିକାଶ ପରିଷଦର ସମସ୍ତ କାର୍ଯ୍ୟକୁ ଶୁଭେଚ୍ଛା ଜଣାଇବା ସହ ଅନୁଷ୍ଠାନର ଦୀର୍ଘ ଜୀବନ କାମନା କରୁଛୁ।


## ଏହି ସପ୍ତାହ, ସେହି ବର୍ଷ (ଜୁନ୍ ୭-୧୩)

### ଏଇ ସପ୍ତାହ


ଜୁନ୍ ୭, ୧୮୯୩- ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାରେ ପ୍ରଥମ ଥର ସବିନୟ ଅବଜ୍ଞାର ପ୍ରୟୋଗ କରିଥିଲେ।




ଜୁନ୍ ୮, ୧୬୫୮- ଔରଙ୍ଗଜେବ ଆଗ୍ରା କିଲ୍ଲା ଉପରେ କବ୍‌ଜା କରିଥିଲେ।



ଜୁନ୍ ୯, ୨୦୧୧- ସାଉଦି ଆରବରେ ବାହନ ଚଲେଇବା ଯୋଗୁ ଛଅ ଜଣ ମହିଳାଙ୍କୁ ଗିରଫ କରାଯାଇଥିଲା।



ଜୁନ୍ ୧୦, ୨୦୦୩- ନାସା ମଙ୍ଗଳଯାନ ରୋଭର୍ ଲଞ୍ଚ କରିଥିଲା।



ଜୁନ୍ ୧୧, ୧୯୩୫- ପ୍ରଥମ ମ୍ୟାଗ୍ନେସିୟମ୍ ଜେଟ୍ ଉଡ଼ାଜାହାଜ ଉଡ଼ାଣ ଭରିଥିଲା।



ଜୁନ୍ ୧୨, ୧୯୨୬-ବ୍ରାଜିଲ୍ ଲିଗ୍ ଅଫ୍ ନେସନ୍‌ରୁ ବାହାରିବା ପାଇଁ ନିଷ୍ପତ୍ତି ନେଇଥିଲା।




ଜୁନ୍ ୧୩, ୧୯୯୭-ଦିଲ୍ଲୀ ଉପହାର ସିନେମା ହଲ୍‌ରେ ନିଆଁ ଲାଗିବା କାରଣରୁ ୫୯ ଜଣଙ୍କର ମୃତ୍ୟୁ ହୋଇଥିଲା।



# ନଦୀରେ ମୁଦ୍ରା ପକାନ୍ତି କାହିଁକି ?





ଟ୍ରେନରେ ହେଉ ବା ବସରେ ଯିବା ଆସିବା ସମୟରେ ଆମ ଭିତରୁ ଅନେକ କୌଣସି ପବିତ୍ର ନଦୀ ଉପରେ ଯାତ୍ରା କଲାବେଳେ କିଛି ବ୍ୟକ୍ତି ମୁଦ୍ରା ନଦୀ ଗର୍ଭକୁ ପକାଇଥାନ୍ତି। କେହି କେହି ଏହାକୁ ଆଧ୍ୟାତ୍ମିକ କ୍ଷେତ୍ରରେ ଦାନ ଭାବରେ ଗ୍ରହଣ କରିଥାନ୍ତି, କେହି କେହି ଏହାକୁ ଅନ୍ଧବିଶ୍ୱାସ ଭାବରେ ବିଚାର କରନ୍ତି। କୁମ୍ଭ ମେଳା ବା ଯେକୌଣସି ଛୋଟବଡ଼ ମେଳା ଅନୁଷ୍ଠିତ ହେଉଥିବା ସ୍ଥଳୀ ବା ନିକଟବର୍ତ୍ତୀ ଦେବାଳୟର ଜଳାଶୟକୁ ମଧ୍ୟ କିଛି ବ୍ୟକ୍ତି ସେହିପରି ମୁଦ୍ରା ପକାଇଥାନ୍ତି। ଆଭିଜାତ୍ୟ ପରିବାରରେ ସ୍ୱର୍ଣ୍ଣମୁଦ୍ରା ବା ରୌପ୍ୟମୁଦ୍ରା ମଧ୍ୟ ଅର୍ପଣ କରିଥାନ୍ତି। ଆମ ହିନ୍ଦୁ ଆଧ୍ୟାତ୍ମିକ ଶାସ୍ତ୍ର ଓ ସନାତନ ସଂସ୍କୃତିର ପରମ୍ପରାକୁ ଦେଖିଲେ ପ୍ରତ୍ୟେକ ଧର୍ମରେ ଦାନକୁ ଏକ ପୁଣ୍ୟ କାର୍ଯ୍ୟ ଭାବେ ଗ୍ରହଣ କରାଯାଇଛି । ଏହାଦ୍ୱାରା ଈଶ୍ୱର କୃପା ଲାଭ ହୋଇଥାଏ । ଏଣୁ ଏହାକୁ ନେଇ ଅନେକ ପରମ୍ପରା ରହିଛି । ଆମ ଦେଶରେ ଏହିପରି ଅନେକ ପରମ୍ପରା ରହିଛି । ସେଥିମଧ୍ୟରୁ ଗୋଟିଏ ହେଉଛି ନଦୀରେ ମୁଦ୍ରା ପକାଇବାର ପରମ୍ପରା । ଏହାକୁ ଏକ ପ୍ରକାର ଦାନ ଭାବେ ମଧ୍ୟ ଗ୍ରହଣ କରାଯାଇଛି । ବହୁ ପବିତ୍ର ନଦୀରେ ଗରିବ ପିଲାମାନେ ମୁଦ୍ରା ସଂଗ୍ରହ କାର୍ଯ୍ୟ ମଧ୍ୟ କରିଥାଆନ୍ତି ।

ଗତ ପ୍ରୟାଗରାଜର ମହାକୁମ୍ଭ ମେଳାରେ ଅନେକ ଗରିବ ଶ୍ରେଣୀର ସ୍ଥାନୀୟ ପିଲା ତ୍ରିବେଣୀ ସଙ୍ଗମରୁ ପଡ଼ିଥିବା ମୁଦ୍ରା ସଂଗ୍ରହ କରି ଲକ୍ଷାଧିକ ଟଙ୍କା ଉପାର୍ଜନ କରିଥିବାର ଖବର ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ତେଣୁ କହିବାକୁଗଲେ ନଦୀରେ ମୁଦ୍ରା ପକାଇବା ଭାବନାକୁ ଏକ ପ୍ରକାର ଦାନ ବା ଅର୍ଘ୍ୟ ଭାବେ ବିଚାର କରାଯାଇପାରେ। ଦେଖିବାକୁ ଗଲେ ଏହା ପଛରେ ବୈଜ୍ଞାନିକ କାରଣ ମଧ୍ୟ ରହିଛି । ପ୍ରାଚୀନ କାଳରେ ତମ୍ବା ଓ ରୁପା ମୁଦ୍ରା ବ୍ୟବହାର କରାଯାଉଥିଲା । ଏହି ମୁଦ୍ରା ଜଳରେ ପକାଇଲେ ନଦୀର ଜଳ ଶୁଦ୍ଧ ହୋଇଥାଏ । ମୁଦ୍ରା ଏପରି ଏକ ସାମଗ୍ରୀ ଏହା ଜଳାଶୟରେ ପଡ଼ିଲେ ଜଳାଶୟକୁ ଅପରିଷ୍କାର କରି ନଥାଏ। କେହି କେହି ପ୍ରାଚୀନ ସମୟର ଦୁର୍ଲଭ ମୁଦ୍ରା ପ୍ରାପ୍ତ ହୋଇ ସେମାନଙ୍କ ଭାଗ୍ୟ ପରିବର୍ତ୍ତନ ହେବାର ଅନେକ ଘଟଣା ମଧ୍ୟ ଆମେ ଶୁଣିଛୁ ଓ ଦେଖିଛୁ। ସେହିପରି ଜ୍ୟୋତିଷ ଶାସ୍ତ୍ର ଅନୁସାରେ ନଦୀରେ ରୂପା ମୁଦ୍ରା ପକାଇବା ଦ୍ୱାରା ଅନେକ ସୁଫଳ ମିଳେ ବୋଲି ବିଶ୍ୱାସ ରହିଛି । ତେବେ ସବୁର ମୂଳରେ ରହିଛି ଆପଣଙ୍କର ଦୃଢ଼ ବିଶ୍ୱାସ ଓ ନିଜ ଗୁରୁ ବା ଇଷ୍ଟଙ୍କ ଉପରେ ଆତ୍ମସମର୍ପଣ ଭାବ। ନଦୀରେ ମୁଦ୍ରା ପକାଇବା ଯେଉଁପରି ଏକ ଦାତବ୍ୟ ଧାର୍ମିକ କାର୍ଯ୍ୟ ସତ୍ ହୃଦୟରେ ପ୍ରତିଦିନ କିଛି ଦାନ ଧର୍ମ କରିବା ମଧ୍ୟ ଏକ ଶ୍ରେଷ୍ଠ ପୁଣ୍ୟ କାର୍ଯ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ।

# ପ୍ରତିଶ୍ରୁତିବଦ୍ଧତା

ପ୍ରତ୍ୟେକ ମଣିଷ ସମାଜରୁ ଯାହା ଶିକ୍ଷା କରେ, କୌଣସି ପାଠ୍ୟପୁସ୍ତକରୁ ଶିଖିପାରେ ନାହିଁ। ସମସ୍ତଙ୍କ ପାଇଁ ସମାଜ ହେଉଛି ଏକ ମୁକ୍ତ ବିଶ୍ୱବିଦ୍ୟାଳୟ ଏହିକଥାକୁ କେହି ଅସ୍ୱୀକାର କରିପାରିବେନି। ସେଦିନ ବୋଧେ ଆରିଷ୍ଟୋଟଲ ଏହିକଥାକୁ ଟିକେ ସାମାଜିକତାର ରଙ୍ଗ ଦେଇ କହିଥିଲେ-ସମାଜ ବିନା ଯିଏ ବଞ୍ଚେ ସେ ପଶୁ କିମ୍ବା ଦେବତା। ଏହିକଥାର ଯଥାର୍ଥତାକୁ ଯଦି ବିଶ୍ଳେଷଣ କରାଯାଏ, ତା ହେଲେ ସମାଜକୁ ଯେଉଁମାନେ ଛାଡ଼ି ବଞ୍ଚିବାକୁ ଅପଚେଷ୍ଟା କରିଛନ୍ତି, ସେମାନେ କେବେ ସମାଜିକତା କଣ ଗ୍ରହଣ କରି ପାରିନାହାନ୍ତି । ପିଲାଟିଏ ଯେତେବେଳେ ଗୁରୁଣ୍ଡ ଗୁରୁଣ୍ଡି ଚାଲିବାକୁ ଆରମ୍ଭ କରେ, ସେତେବେଳେ ଦରୋଟି ଭାଷାରେ ଦୁନିଆକୁ ଚିହ୍ନିବାକୁ ଯେଉଁ ସବୁ ପ୍ରଶ୍ନ କରେ, ତାହାର ଉତ୍ତରରେ ଚିହ୍ନେଇବାକୁ ପଡ଼େ; ଏଇ ହେଉଛି ସମାଜ। ଏହାର ଉପାଦାନରେ ରାସ୍ତାଘାଟ, ସ୍କୁଲ, କଲେଜ, ଡ଼ାକ୍ତରଖାନା ଆଦି ଯେଉଁ ବ୍ୟବସ୍ଥା ଓ ଭିତ୍ତିଭୂମି ଗଢ଼ାଯାଇଛି, ଏହା ହିଁ ସମାଜର ଆଖ୍ୟାନରେ ଦିନେ ତୋତେ ଗଢ଼ିବ। ବୟସର ଅତିକ୍ରାନ୍ତରେ ପିଲାଟି ମନକୁ ବୁଝିଯାଇଥାଏ ସମାଜର ଆବଶ୍ୟକତା ଓ ପ୍ରାସଙ୍ଗିକତା। ବଡ଼ ହୋଇ ସମାଜ ଚଳଣୀ ସହିତ ଚଳେ, ପାଠ ପଢ଼େ, ନିଜ ଅଜାଣତରେ ନିଜେ ଗଢ଼ି ହୋଇଯାଇଥାଏ, ସିଏ ବି ଜାଣି ନଥାଏ। ଯେତେବେଳେ ଲୋକେ ତାଙ୍କୁ ଡ଼ାକ୍ତର, ଇଂଜିନିୟର, ପ୍ରଶାସକ ବୋଲି କୁହନ୍ତି, ସିଏ ନିଜ ଭିତରେ ଏକ ପରିଚୟ ଖୋଜିପାଏ। ନିଜର କୁର୍ସି ଉପରେ ମୁଣ୍ଡ ଉଚ୍ଚା କରି ସାମାଜିକ ବିଭାଗୀକରଣରେ ସାମିଲ ହୁଏ। କେବଳ ଏମାନେ ଏକା ନୁହନ୍ତି, ସୈନିକ ହୁଅନ୍ତୁ କି କୃଷକ ହୁଅନ୍ତୁ , କି ଶ୍ରମିକ, ସମସ୍ତେ ଏହି ସାମାଜିକ ଆଧାରରେ ନିଜ ଯୋଗ୍ୟତା ଅନୁସାରେ ଗଢ଼ାହୁଅନ୍ତି। କିଏ ଉପର ଚେୟାର ଥାଇ ପଦସ୍ଥ ହୁଏ ତ କିଏ ହୁଏ ଅଧସ୍ତନ। କିଏ ଗୁହାରୀ କରେ ତ କିଏ କାକୁତି ଶୁଣେ। ହେଲେ ଯେଉଁ ଭିତ୍ତିଭୂମିରେ ଠିଆ ହୋଇ ସମସ୍ତେ ନିଜର ପରିଚୟ ଖୋଜନ୍ତି, ତାହା ତ ସମାଜ।

ସମାଜ ଜଣକୁ ଗଢ଼ିଦେଲା ପରେ ନିଜର ସୁଖସୁବିଧା, ଭୋଗଲାଳସାରେ ସେହି ବ୍ୟକ୍ତିଜଣକ ଭୁଲିଯାଇଥାଏ ସାମାଜିକ ଅଙ୍ଗୀକାରବୋଧତା। ଅତି ସ୍ୱାର୍ଥକୈନ୍ଦ୍ରିକ ଭାବରେ ସେ ନିଜର ସଂସାରର ପରିଧିରେ ବାନ୍ଧି ହୋଇ ଦୁନିଆକୁ ପଛକରି ବାଟ ଚାଲିଥାଏ। ବାପାମାଆଙ୍କୁ ଯେତେବେଳେ କଣ କରିଛ ପିଲାଙ୍କ ପାଇଁ ବୋଲି ଉତ୍ତର ଦେବାକୁ ବେଳେବେଳେ ପଡ଼େ, ସେଠି ସମାଜ କଥା ପଚାରେ କିଏ ? ବାପାମାଆ ପିଲାର ଭବିଷ୍ୟତ ପାଇଁ ଟଙ୍କା ଖର୍ଚ୍ଚ କରିପାରିଥାନ୍ତି, ସ୍ନେହଶ୍ରଦ୍ଧା, ଭଲପାଇବା ଦେଇ ପାରିଥାନ୍ତି, ନିଜର ରକ୍ତକୁ ପାଣି କରି ଭଲ ଓ ବଡ଼ ମଣିଷଟିଏ ଗଢ଼ି ତୋଳି ପାରିଥାନ୍ତି। ହେଲେ ହଜାର ହଜାର ଲୋକଙ୍କ ଅବଦାନ ଯେ ମଣିଷଟିଏ ଗଢ଼ାହେବା ପଛରେ ଥାଏ, ତାକୁ ଅଧିକାଂଶ ଲୋକ କିନ୍ତୁ ଭୁଲିଯାଇଥାନ୍ତି। ବାପା ପାଠ ପଢ଼ିବାକୁ ପଇସା ଦେଲେ, ହେଲେ ଯେଉଁ ସ୍କୁଲ, କଲେଜ, ୟୁନିଭରସିଟି ଗଢ଼ାଯାଇଛି, ତାକୁ ତ କୌଣସି ବାପାମାଆ ପଇସା ଦେଇ ପୁଅ ପଢ଼ିବ ବୋଲି ଗଢ଼ିଦେଇ ନଥିଲେ। ଠିକ ସେମିତି ଚାଲୁଥିବା ବାଟ, ଚଢୁଥିବା ଯାନ, ନୀରୋଗ ପାଇଁ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଆଦି ଯେତେ ସାମାଜିକ ସମୀକରଣରେ ଗୁନ୍ଥି ହୋଇଛନ୍ତି, ତାକୁ ତ କେହି ନିଜ ପୁଅର ଭବିଷ୍ୟତ ଗଢ଼ିବାକୁ ନିଜେ ତିଆରି କରିନାହାନ୍ତି। ଅତଏବ ଯଦି ସମାଜର ପ୍ରତ୍ୟେକଟି ବ୍ୟବସ୍ଥା ଉପରେ ଜଣେ ବ୍ୟକ୍ତିତ୍ୱ ନିର୍ମାଣ କରିବାକୁ ନିର୍ଭରଶୀଳ ହୋଇପଡ଼ିଲା, ତେବେ କେବଳ ବାପାମାଆ ଟଙ୍କା ଖର୍ଚ୍ଚ କରି ବଡ଼ କରେଇଛନ୍ତି ବୋଲି କାହିଁକି ଜଣେ ଯୁକ୍ତି



ଉପସ୍ଥାପନା କରିବ ? ସେମିତି ଦେଖିବାକୁ ଗଲେ କାଣିଚାଏ ଅବଦାନ ପରିବାରର ଥିଲେ, ବହୁତ ବଡ଼ ଅବଦାନ ରହିଛି ସମାଜର।

ତେଣୁ ଯେତେବେଳେ ଜଣେ ନିଜର ମର୍ଜିରେ ରହି କାମ କରେ, କହେ ମୋ ବାପାର ପଇସାରେ ବଡ଼ ହୋଇଛି, ମୁଁ କାହିଁକି କାହାର କାମ କରିବି ? ନିଜେ ବଞ୍ଚିଲେ ବାପାର ନାଁ ବୋଲି କହୁଥିବା ଲୋକଙ୍କୁ ଏହି ପ୍ରଶ୍ନ ପଚରାଯାଇପାରେ। କ୍ୟାରିୟର କରିବାକୁ ବା ବଡ଼ ମଣିଷ ହେବାକୁ ସିନା ବାପାର ପଇସା ଖର୍ଚ୍ଚ କଲା, ହେଲେ ସେ ସେବା ପାଇଥିବା ଡ଼ାକ୍ତରଖାନା, ସ୍କୁଲ, କଲେଜ, ରାସ୍ତା ଆଦିକୁ କେଉଁ ବାପାର ପଇସାରେ ତିଆରି କରାଯାଇଥିଲା।

ଏହିକଥାକୁ ଯଦି ପ୍ରାମାଣିକତାର ବିନ୍ଦୁରେ ଯୋଡ଼ି ସାମାଜିକ ଦାୟିତ୍ୱବୋଧର କଥା କହିବାକୁ ସମସ୍ତେ ରାଜି ହୋଇଯାଆନ୍ତେ, ତାହେଲେ ସମାଜରେ ବୋଧେ ଏତେ ଅପ୍ରାସଙ୍ଗିକ କଥାସବୁକୁ କୌଣସି ଗଣମାଧ୍ୟମ ପ୍ରକାଶ କରିବାକୁ ଛିଦ୍ରଟିଏ ବି ପାଇପାରନ୍ତେ ନାହିଁ। ଏଣୁ ନିଜ ପାଇଁ ବଞ୍ଚିବାର ଯୁକ୍ତି ବାଢୁଥିବା ଲୋକଙ୍କୁ ଏହି ପ୍ରଶ୍ନ ପଚରାଯାଇପାରେ-ସେ ସମାଜରେ ମୁଣ୍ଡଟେକି ଠିଆହୋଇଛି କାହା ଦାୟରେ ? ଯଦି ସମାଜ ତା ପାଇଁ କିଛି କାମ କରିନାହିଁ, ଘରୁ ଗୋଡ଼ କାଢ଼ି ଯେଉଁ ଦୁନିଆ ଦାଣ୍ଡରେ ବାଟ ଚାଲୁଛି, ସେ ଅବଦାନ ତାହେଲେ କାହାର ? ରାତି ପାହିଲେ ଯେଉଁ ସମାଜକୁ ଦେଖୁଛି, ତାକୁ ଗଢ଼ିଛି କିଏ ? ଯଦି ସମାଜ ଆମପାଇଁ ଏତେ ମହାର୍ଘ ମୂଲ୍ୟ ଦେଇଛି, ତାହେଲେ ଆମର ଏ ଛୋଟିଆ ଜୀବନରୁ କାହିଁକି ଟିକେ ସମୟ ବାହାର କରି ସମାଜ ପାଇଁ କିଛି କରିବା ନାହିଁ।

# ଜଙ୍ଗଲର ମାଆ : ବେଙ୍ଗ ପଲେଇ

ଆଜି ବି ଅନେକ ରେବତୀ ସମାଜରେ ନିଜର ହକ୍ ଦାବୀ କରି ଜୀବନ ସଂଗ୍ରାମରେ ହାରି ନଯାଇ ବରଂ ନିଜକୁ ଦମ୍ଭ କରି ଛିଡ଼ା ହୋଇ ସମାଜରେ ଏକ ଆଦର୍ଶ ଚରିତ୍ର ପାଲଟିଯାଇଛନ୍ତି । କାହା କଥାକୁ ଖାତିର ନକରି, କିଏ କଣ କହିଲା କି ନକହିଲା ବା କିଏ ସୁନାମ କି ଦୁର୍ନାମ ଆଣିଲା, ସେଥିରେ ବି ନଥାଏ ପରବାୟ । ସେମିତି ଜଣେ ରେବତୀଙ୍କୁ ଖୋଜିଆଣିବା ବେଳେ, ଲାଗେ ଏବେ ବି ସେମିତି ଛାତିକୁ ପଥର କରି ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ଫକୀରମୋହନଙ୍କ ରେବତୀ ବଞ୍ଚିଛି ଖୁବ୍ ସ୍ୱାଭିମାନର ସହକାରେ ।

ସେମିତି ଜଣେ ରେବତୀ ହେଲେ ବେଙ୍ଗ ପଲେଇ । ମୟୁରଭଞ୍ଜର ଏକ ନିପଟ ମଫସଲ ଗାଁ ରୁଗୁଡ଼ିବେଡ଼ା । ଠାକୁରମୁଣ୍ଡାରୁ କିଛି ବାଟ ଗଲେ ଖୋଜିହେବ ଏହି ରେବତୀର ଠିକଣା । ଚାରୋଟି ଝିଅ ଓ ଗୋଟିଏ ପୁଅକୁ ସମର୍ପଣ କରି ସ୍ୱାମୀ ଛାଡ଼ି ଚାଲିଗଲେ ସଂସାର ୨୦୦୧ ମସିହାରୁ । ପରିବାରର ବୋଝ ସମ୍ଭାଳିବାକୁ ଦୁନିଆ ଦାଣ୍ଡକୁ ସେଦିନରୁ ବେଙ୍ଗ ପଲେଇ ଗୋଡ଼ କାଢ଼ିଥିଲେ ଯେ ଏବେ ବି ଧୈର୍ଯ୍ୟ ନହରାଇ ଆଗକୁ ଚାଲିଛନ୍ତି ସିନା ପଛକୁ ଫେରି ଚାହିଁ ନାହାନ୍ତି ଥରେ । ଆଦୀବାସୀ ଅଧ୍ୟୁଷିତ ଗାଁ । ରୋଜଗାର ପାଇଁ ସେମିତି ନାହିଁ କିଛି ମାଧ୍ୟମ । ହେଲେ ନିଜର ଅଣ୍ଟା ସଳଖି ପାଞ୍ଚୋଟି ପିଲାଙ୍କ ମୁହଁରେ ଆଧାର ଦେଇ ବଡ଼ କରିଛନ୍ତି । ଝିଅର ବରଘର ଦେଖି ଶାଶୁଘରକୁ ବିଦା କରିଛନ୍ତି । ନିଜେ ପରିଣତ ବୟସରେ ଜୀବନ ସହ ସଂଗ୍ରାମ କରି ଗଣ୍ଡେ ଖାଇ ଦଣ୍ଡେ ଜିଇଁଛନ୍ତି । ହେଲେ ଏତିକିରେ ସରିଲାକି କାହାଣୀ ? ଏହି ସାଧାରଣ ଜୀବନ ପଛରେ ଲୁଚି ରହିଛି ଏକ ମହାନୁଭବତାର କାର୍ଯ୍ୟ । ଆପଣ ଶୁଣିଲେ ଭାବିବେ ଜଣେ ନିରକ୍ଷର ମହିଳା ନିଜ ଚେଷ୍ଟାରେ ସମାଜ ପାଇଁ ଏମିତି ବି କାମ କରିପାରେ !

ନାଁ ସିନା ବେଙ୍ଗ ପଲେଇ, କାମ କିନ୍ତୁ ଅସାଧ୍ୟ । ପନ୍ଦର ହେକ୍ଟର ଜମିରେ ଜଙ୍ଗଲ । ସରକାରୀ ଜମି ହେଉପଛେ ନିଜେ ଗଛ ଲଗାଇ ରକ୍ଷଣାବେକ୍ଷଣ କରିବା ପଛରେ ରହିଛି ନିଜର ଅନେକ ଭୂମିକା । ସେ ଜଙ୍ଗଲର ମାଆ । ଜଙ୍ଗଲର ଡ଼ାକ ଯେମିତି ତାଙ୍କ କାନକୁ ଅହରହ ଶୁଭୁଥାଏ । କେହି ଯଦି କାଠ ଖଣ୍ଡେ କି ପତ୍ରଟିଏ ଉଠାଇ ନେବାକୁ ଦୁଃସାହସ କରେ, ବେଙ୍ଗ ତାଙ୍କ ସହ ଝଗଡ଼ା କରି ବସନ୍ତି । ଜଙ୍ଗଲର ଗଛ ତାଙ୍କର ପୁଅଝିଅ ଭଳି । କେହି ଯେମିତି ଲୋଲୁପ ଦୃଷ୍ଟିରେ ନଚାହାନ୍ତି, ତାଙ୍କର ଥାଏ କଡ଼ା ନଜର । ଆଜିଦିନ ଯାଏ ବେଙ୍ଗଙ୍କ ଭୟରେ କେହି ବି ଜଙ୍ଗଲରୁ ଚୋରି କରି କାଠ କାଟିନିଏ ନାହିଁ । ସେଥିପାଇଁ ବେଙ୍ଗ ତାଙ୍କ ଜୀବନ ଯେମିତି ଦେଇଛନ୍ତି ଜାନ୍ ବି ସେମିତି ଦେଇଛନ୍ତି । ଖରା ନାହିଁ, ବର୍ଷା ନାହିଁ, ଶୀତ ନାହିଁ...ସେ ଯେମିତି ନିଜର ଧର୍ମ, କର୍ମ, ତପସ୍ୟା ଭାବି ଜଙ୍ଗଲକୁ ଜଗି ବସିଛନ୍ତି । ନିଜେ ବଞ୍ଚିଥିବା ଯାଏ କାହାକୁ ବି ସୁଯୋଗ ଦେବେନି ଜଙ୍ଗଲ କ୍ଷୟ ହେବାକୁ, ଏହା ତାଙ୍କର ପଣ । ଏହି ଜଙ୍ଗଲରେ ଶାଳ, ପିଆଶାଳ, ମହୁଲ, ବର, ଆମ୍ବ, କରଞ୍ଜ, ତେନ୍ତୁଳି ଆଦି ଗଛ ଭରି ରହିଛି । ଠାକୁରମୁଣ୍ଡାରୁ କରଞ୍ଜିଆ ଯିବା ରାସ୍ତାରେ ପଡ଼େ ବେଙ୍ଗ ପଲେଇର ଏହି ସଂରକ୍ଷିତ ଜଙ୍ଗଲ । ସେ ଏହି ଜଙ୍ଗଲର ନାଁ ବି ଦେଇଛନ୍ତି ରୁଦ୍ରବନ । ଏହା ପଛରେ ଆଉ ଗୋଟେ କାହାଣି କାଖେଇ ପଡ଼ିଛି । କାହିଁକି ଏହି ଜଙ୍ଗଲ ନାଁ ହେଲା ରୁଦ୍ରବନ..ତାହା ବି ବେଙ୍ଗ ପଲେଇ ପାଇଁ ଏକ କିମ୍ବଦନ୍ତୀ ପାଲଟିଯାଇଛି ।

ରୁଦ୍ର ଥିଲେ ବେଙ୍ଗ ପଲେଇର ସ୍ୱାମୀ । ସେ ଏହି ଜଙ୍ଗଲ ସୃଷ୍ଟିକରିବାର ଥିଲା ମୁଖ୍ୟ ସୂତ୍ରଧର । ନିଜ ଘର ପାଖରେ ଥିବା ସରକାରୀ ଜାଗାରେ ଗଛ ଲଗାଇବା ଆରମ୍ଭ କରିଥିଲେ । ଏହି ଜାଗାରେ ଆଗରୁ ଅନେକ ଗଛ କାଟି ନେଇ ଲୋକେ ଲଣ୍ଡା କରିଦେଇଥିଲେ । ସେ ପ୍ରଥମେ ନିଜ ଚେଷ୍ଟାରେ ଗଛ ଲଗାଇବା ସହ ଅଧାରୁ କାଟିନେଇଥିବା ଗଛକୁ ବଢ଼ାଇବାରେ ଲାଗିଲେ । ଆସ୍ତେ ଆସ୍ତେ ଗଛ ବଢ଼ିବା ସହ ସବୁଜିମାରେ ଭରି ଗଲା ଜଙ୍ଗଲ । ରୁଦ୍ରର ମନ ବି ହୋଇଗଲା କୁଣ୍ଢେ ମୋଟ । ଜଙ୍ଗଲ ବଢ଼ିବା ସହ ଲୋକଙ୍କର ଲୋଲୁପ ଦୃଷ୍ଟି ବି ପଡ଼ିବାକୁ ଲାଗିଲା । କେହି ଚୋରାରେ ଗଛ କାଟିବାକୁ ଉଦ୍ୟମ ବି କଲେ । ରୁଦ୍ରର ଛଞ୍ଚାଣ ଆଖିରୁ କେହି ବାଦ୍ ପଡ଼ିଲେ ନାହିଁ । ସେଥିପାଇଁ ଅନେକଙ୍କ ସହ ପାଟିତୁଣ୍ଡ ହେବା ସହ ଥାନା କୋର୍ଟକଚେରୀ ଯାଏଁ ବି ମାମଲା ଯାଇଛି । ରୁଦ୍ର ବିଭିନ୍ନ ଲୋକଙ୍କ ଆକ୍ରୋଶର ବି ଶିକାର ହୋଇଛନ୍ତି । ହେଲେ କିଛି କଥାକୁ ଭ୍ରୁକ୍ଷେପ ନକରି ଜଙ୍ଗଲ ତାଙ୍କର ଜୀବନ ବୋଲି ଭାବି ବଞ୍ଚାଇ ରଖିଥିଲେ । କିନ୍ତୁ ଦଇବ ବି ବଇରୀ ସାଜିଲା । ଏକ ସଡ଼କ ଦୁର୍ଘଟଣାରେ ଚାଲିଗଲା ପ୍ରାଣ । ଏହିକଥାକୁ ସହଜରେ ଗ୍ରହଣ କରିପାରିଲେ ନାହିଁ ବେଙ୍ଗ । କିଛିଦିନ ପାଗଳ ହୋଇ ଖାଲି ଜଙ୍ଗଲରେ ଇତସ୍ତତଃ ହୋଇ ବୁଲିଲେ । ଗୁଣୁଗୁଣୁ ହୋଇ ଗଛଲତାଙ୍କ ସହ ଏଣୁତେଣୁ କଥା ହେଲେ । ହଠାତ୍ ପରିବର୍ତ୍ତନଟିଏ ଦେଖାଗଲା । ସେ ବି ଜଙ୍ଗଲକୁ ନିଜର କରିବସିଲେ । ସ୍ୱାମୀଙ୍କ ଅଧୁରା କାମକୁ ପୁରା କରିବାକୁ ଯେମିତି ଅଣ୍ଟା ଭିଡ଼ିଲେ । ତା ପରେ କାମ ଯେଉଁଠୁ ବନ୍ଦ ଥିଲା ଆରମ୍ଭ କଲେ । ୨୦୦୧ରୁ ସ୍ୱାମୀ ମରିଗଲା ପରେ ସେ ଏହି ଜଙ୍ଗଲରେ ଗଛ ଲଗାଇବା ଓ ସୁରକ୍ଷା କରିବା କାମରେ ଆଜି ଦିନ ଯାଏଁ ଲାଗି ପଡ଼ିଛନ୍ତି । ଆଜି ଏ ଜଙ୍ଗଲରେ ୧ଲକ୍ଷରୁ ଅଧିକ ଗଛକୁ ସୁରକ୍ଷିତ ଅବସ୍ଥାରେ ରଖିଛନ୍ତି । ଅବଶ୍ୟ ଏ କାମରେ ଦିଅର ପ୍ରବୀର ପଲେଇ ସହଯୋଗ କରିଆସିଛନ୍ତି । ପ୍ରବୀର ନିଜର ଛୁଆପିଲା ଭାବି ବେଙ୍ଗରଙ୍କର ପିଲାଙ୍କୁ ଲାଳନପାଳନ କରିବା ସହ ଜଙ୍ଗଲ ସୃଷ୍ଟି କରିବା କାମରେ ମଧ୍ୟ ଅନେକ ସାହାଯ୍ୟ କରିଆସୁଛନ୍ତି । ଏଥିପାଇଁ ବେଙ୍ଗଙ୍କୁ ବିଭିନ୍ନ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରିଛନ୍ତି ।

ଆଜିର ସ୍ୱାର୍ଥସର୍ବସ୍ୱ ଦୁନିଆରେ ନିଜର ପିଲାଛୁଆଙ୍କୁ ନେଇ ବ୍ୟସ୍ତ ରହୁଥିବା ବେଳେ ତାଙ୍କର ଏ ଉତ୍ସର୍ଗୀକୃତ କାର୍ଯ୍ୟକୁ ସଲାମ । ଏଭଳି ଜଣେ ରେବତୀକୁ ଆଜିର ଦୁନିଆରେ ଖୋଜିପାଇବା ସତରେ ବିରଳ । ତାଙ୍କର କାର୍ଯ୍ୟଦକ୍ଷତା ଓ ଧୈର୍ଯ୍ୟକୁ ସଲାମ୍ ।





ଅ ପେ ରା ଆ ଇ ଟ ମ୍

ଶ୍ରୀଗୋବିନ୍ଦ

## ରଙ୍ଗମଞ୍ଚ ଡ଼ାକେ ଆ...ଆ...

# ଅନନ୍ତ ଓଝାଙ୍କ ପାଇଁ ଫିଲ୍ମରୁ ଯାତ୍ରାକୁ ଆସିଲି- ବିନୋଦ ରାଉତ



ଲିଟିଲ୍ ମାଷ୍ଟରଙ୍କ କୁହାଯାଉଥିବା ବିନୋଦ ରାଉତ ପାଠ ପଢ଼ିଲେ ସଙ୍ଗୀତ ମହାବିଦ୍ୟାଳୟରୁ, ନାଟକ ଶିଖିଲେ ସୌଖୀନ ରଙ୍ଗମଞ୍ଚର କଳାକେନ୍ଦ୍ରରୁ, କ୍ୟାରିୟର ଆରମ୍ଭ କଲେ ସିନେମା ଇଣ୍ଡଷ୍ଟ୍ରୀରୁ। ଅଥଚ ଶେଷରେ ସବୁଦିନ ପାଇଁ ଯାତ୍ରାକୁ ଆପଣେଇ ନେଲେ। କେବଳ ଓଡ଼ିଆ କି ବଙ୍ଗଳା ଫିଲ୍ମ ଇଣ୍ଡଷ୍ଟ୍ରୀରେ ବି ଖେଳ କରି ଦେଇଆସିଛନ୍ତି। ଲିଟିଲ୍ ମାଷ୍ଟ୍ରେ କଣ ଛୋଟିଆ ଲୋକ ହେଇଛନ୍ତି। ଯାହାଙ୍କ ପାଇଁ କାମ କରିଛନ୍ତି ସେ ଅନୁଷ୍ଠାନ, ସେ ନାଟକ ବି ହିଟ୍। ଯାହାଙ୍କ ମୁଣ୍ଡରେ ହାତ ଦେଇଛନ୍ତି ସେ ବି ସୁପରହିଟ୍। ଏ ହିଟ୍ ହେବା ପଛରେ କଣ କମ୍ ସଂଘର୍ଷ କରିଛନ୍ତି ? ବାପା ଧାନ ବିକି ରଖିଥିବା ଟଙ୍କା ନେଇ ବମ୍ବେ ଇଣ୍ଡଷ୍ଟ୍ରୀରେ ହାଜର ହୋଇଛନ୍ତି। ସାରା ଭାରତର କଳା, ସଂସ୍କୃତି ଜାଣିବାକୁ ରାଜ୍ୟରୁ ରାଜ୍ୟ ବୁଲିଛନ୍ତି। ଶେଷରେ ଯାତ୍ରା ତାଙ୍କୁ କାହିଁକି କେଜାଣି ଭଲ ଲାଗିଲା, ଏଇଠି ଲାଖି ହୋଇ ରହିଯାଇଛନ୍ତି। ଅନନ୍ତ ଓଝାଙ୍କ ସହ ମିଶି ପ୍ରଥମ କ୍ୟାରିୟର ସିନା ଆରମ୍ଭ କରିଥିଲେ, ଏବେ ଓଡ଼ିଆ ଯାତ୍ରା ଇଣ୍ଡଷ୍ଟ୍ରୀର ସୁନାମଧନ୍ୟ ନିର୍ଦ୍ଦେଶକ। ଯେଉଁ ନାଟକରେ ହାତ ମାରିବେ, ତାହା ହିଟ୍ ହିଁ ହିଟ୍। ଏମିତି ଥରେ କହୁ କହୁ କହିଦେଲେ-ମୁଁ କୋଲକାତାରେ 'ଜୀବନ ସଙ୍ଗୀ' ବୋଲି ଏକ ସିନେମାର ନିର୍ଦ୍ଦେଶନା ଦେଉଥାଏ। ଦିନେ ରାତ୍ରୀ ଭୋଜନ ପ୍ରୋଗ୍ରାମ ମ୍ୟାନେଜର, ଆସିଷ୍ଟାଣ୍ଟ ଡିରେକ୍ଟର, ଆସୋସିଏଟ ଡିରେକ୍ଟରଙ୍କ ସହ ଆମେ ସାଙ୍ଗ ହୋଇ କରୁଥିଲି। ଖାଦ୍ୟ ମଗା ସରିଥାଏ। ମୋ ସହ ଥିଲେ ଗୌତମ ଅଧିକାରୀ, ଅତନୁ ଦାସଗୁପ୍ତା, ସାଗର ଦାସ। ସାଗର ଦାସ ନାମକ ବ୍ୟକ୍ତି ଜଣକ କିଛି ବୁଝିବା ପୂର୍ବରୁ ମୋ ପେଟରେ ଏକ ଧାରୁଆ ଛୁରୀ ଭୁଷି ଦେଇଥିଲେ। ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଛି, ସେ ମୋତେ କହିଲେ- ଓଡ଼ିଶା ଚାଲି ଯା, ନହେଲେ ଅବସ୍ଥା ଖରାପ କରିଦେବୁ। ଏତିକି କେବଳ ଶୁଣିଛି। ଅଚେତ ହୋଇ ପଡ଼ିଯିବା ପରେ ହୋଟେଲ କର୍ମଚାରୀ ମୋତେ ମେଡିକାଲରେ ଆଡମିଟ୍ କରିଥିଲେ। ପରେ ମୋତେ ବସ୍‌ରେ ବସେଇ ଦେଇଥିଲେ। ମୁଁ ସିଧା ଆସି ଭଦ୍ରକରେ ଓହ୍ଲେଇ ଘରକୁ ଯାଇଥିଲି। ସେଇଦିନୁ ମୋର ସିନେମା ଇଣ୍ଡଷ୍ଟ୍ରୀ ପ୍ରତି କାହିଁକି କେଜାଣି ବିତୃଷ୍ଣା ଆସିଥିଲା। ତା'ପର ଦିନ ମୋର ଥିବା ଏକ ଲୁନା ଧରି ଅନନ୍ତ ଓଝାଙ୍କ ଘରକୁ ଯାଇଥିଲି। ଅନେକ ସମୟ ଅପେକ୍ଷା କରିବା ପରେ ତାଙ୍କର ଦେଖା ମିଳିଥିଲା। ନାଟକ କରିବି ବୋଲି ତାଙ୍କୁ କହିବା ପରେ ସେ ମୋତେ ଯାତ୍ରାରେ କିଛି କାମ କରିଛି କି ନାହିଁ ପଚାରିଥିଲେ। ମୁଁ କହିଲି-ଯାତ୍ରା ବାବଦରେ କିଛି ଜାଣେନାହିଁ। ସିନେମା, ସିରିଏଲ୍ କରିଛି, ତାହା ବାବଦରେ ମୋର ଯଥେଷ୍ଟ ଅଭିଜ୍ଞତା ଅଛି। ମୋତେ ସେ ତାଙ୍କ ଘର ପାଖରେ ଥିବା ରାମଚଣ୍ଡୀ ମନ୍ଦିର ପାଖକୁ ଡ଼ାକିନେଲେ। ମୁଁ ସେଇଠି ଅପେକ୍ଷା କରିଥାଏ, ସେ ତିନି/ଚାରି ଘଣ୍ଟା ଧରି ତାସ୍ ଖେଳିଲେ। ସେତେବେଳକୁ ରାତି ହୋଇଯାଇଥାଏ। କହିଲେ-ଆଜି ରହିଯାଅ, କାଲି ଯିବ। ମୁଁ ସେଇଠି ତାଙ୍କ ଘରେ ରାତିରେ ରହିଯାଇଥିଲି। ଅନନ୍ତ ଓଝାଙ୍କ ଘରେ ସେହି ଗୋଟିଏ ରାତି ମୋ ପାଇଁ ନୂଆ ସୁଯୋଗ ଆଣିଦେଲା। ମୋ ପାଇଁ ଆଶୀର୍ବାଦ ହୋଇଗଲା, ଅନନ୍ତ ଓଝାଙ୍କ ଘରେ ରାତି ବିତାଇବା। ତା'ପରେ ମୁଁ ଯାତ୍ରାରେ ନିର୍ଦ୍ଦେଶକ ଭାବରେ ଆଜି ଯାଏ କାମ କରି ଆସିଛି। ମୁଁ କେତେ ଭଲ କରିଛି, ଖରାପ କରିଛି, ତାହା ତ ଦର୍ଶକଙ୍କ ନିଷ୍ପତ୍ତି ଓ ଭଲ ପାଇବା କିନ୍ତୁ ଆଜିଯାଏ ଯେଉଁ ନାଟକର ନିର୍ଦ୍ଦେଶନା ଦେଇଛି, ନିଷ୍ଠାର ସହ କରିଛି ଓ ନୂଆ କିଛି କରି ଦେଖାଇବା ପାଇଁ ଚେଷ୍ଟା କରିଛି।



ଦିନେ ସେ ରାଣୀ ପଣ୍ଡା ପାଇଁ କାହିଁକି ନାଟକ ତିଆରି କଲେ, ତାଙ୍କୁ ପଚାରିବାରୁ ସେ ହସି ଦେଇ କହିଲେ-ମୁଁ ଟିକେ ରିସ୍କ ନେବାକୁ ଚାହିଁଲି। ରାଣୀ ପଣ୍ଡା ଭଳି କଳାକାରଙ୍କ ଗୁଣ ଚିହ୍ନି ତାଙ୍କୁ ଅଭିନୟରେ ଏକନମ୍ବର କରିବାକୁ କାହିଁକି କେଜାଣି ମନ ଚାହିଁଲା। ଦିନେ ରାଣୀ ଘରେ ପହଞ୍ଚିଲା। ନିଜ ହାତରେ ରୋଷେଇ କରି ଖାଇବାକୁ ଦେଲା। ଡ.ଦୀପକ ଜେନା, ରାଣୀ ପଣ୍ଡା ଓ ମୋ ଘରର ସମସ୍ତ ସଦସ୍ୟ ମିଶ ଖାଇଲୁ। ସେଦିନ ରାଣୀ ପଣ୍ଡା ବାଡ଼ିରୁ କଦଳୀ ପତ୍ର କାଟି ତିଆରି କରିଥିଲା ନାନାପ୍ରକାର ସୁଆଦିଆ ବ୍ୟଞ୍ଜନ। ତା'ପରେ କଥା ପଡ଼ିଲା, ରାଣୀ ସାମ୍ନା କରିଥିବା ଜୀବନର ଅନେକ ମୁହୂର୍ତ୍ତକୁ ନେଇ କିଭଳି ନାଟକ ଲେଖାଯିବ ଓ ତାହା ଓଡ଼ିଶାରେ ଚହଳ ସୃଷ୍ଟି କଲା ଭଳି ନାଟକ ହେବ। ରାଣୀ ତା'ର କାହାଣୀ କହିଲା, ଡ.ଦୀପକ ଜେନା ଓ ମିଶି ଫ୍ରେମ୍ ତିଆରି କରିବା ପରେ, ଶେଷରେ ଫାଇନାଲ ହେଲା, 'ରାଣୀ ପଣ୍ଡାକୁ ଖଣ୍ଡଗିରି ମନା' ନାମକ ଏକ ନାଟକ ଏଥର ପ୍ରସ୍ତୁତ ହୋଇଥିଲା। ଏମିତି ଜୀବନରେ ଅନେକ ରିସ୍କ ନେଇ କଳାକାର, ନାଟ୍ୟକାରଙ୍କୁ ଆଗକୁ ଆଣିବାରେ ବିନୋଦ ଜଣେ ସଫଳ ନିର୍ଦ୍ଦେଶକ। ଟିକେ ମୁଡି ହେଲେ ବି ସେ ଯେଉଁ କାମରେ ହାତ ଦିଅନ୍ତି, ସଫଳତା ମିଳେ।

ୟାନା ଗୁପ୍ତା

'ନିତିଦିନ'ର ରବିବାର କ୍ରୋଡ଼ପତ୍ର 'ନଜର'କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
'ନଜର', ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com